୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷक

Vol.27. No.66 Bhubaneswar Saturday April 19 2025 | ୨୭ତମ ବର୍ଷ ସଂଖ୍ୟା-୬୬ ଭୁବନେଶ୍ୱର, ଶନିବାର, ଅପ୍ରେଲ ୧୯, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସବୁଥିରେ ଫେଲ୍ ବିଜେପି; କୌଣସି ପ୍ରତିଶ୍ରୁତି ରଖି ପାରିନାହାନ୍ତି ମୋହନ ସରକାର



ଭୁବନେଶ୍ୱର,୧୮।୪(ପି.ଏନ): ବିଜେପି ସରକାରରେ ଫେଲ ମାରୁଛି ଡେଡଲାଇନ୍ । ସରକାରକୁ ୧୦ ମାସ ପୂରିଥିବା ବେଳେ ଦେଇଥିବା କୌଣସି ପ୍ରତିଶ୍ରୁତି ରଖିପାରିନାହାନ୍ତି ମୋହନ ସରକାର । ନିର୍ବାଚନ ପୂର୍ବରୁ ଚିଟଫଣ୍ଡ କ୍ଷତିଗ୍ରସ୍ତ ଅର୍ଥ ଫେରସ୍ତ କଥା କହିଥିଲେ, କ୍ଷମତାକୁ ଆସିବାର ୨୪ ଘଣ୍ଟା ଭିତରେ ନିଷ୍ପତ୍ତି ନେବେ ବୋଲି କହିଥିଲେ । ହେଲେ ଏଯାଏଁ ଏହାର ବିନ୍ଦୁ ବିସର୍ଗ ଆରମ୍ଭ ହୋଇନାହିଁ । ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ ପ୍ରସଙ୍ଗ ହେଉ କି ଭରତପୁରରେ ପୋଲିସ-ଆର୍ମୀ ଝଗଡା ହେଉ, ସବୁଠି ଫେଲ ମାରିଛି ଡେଡଲାଇନ । ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡି ଦର୍ଶନ ହେଉ କି ପାର୍ଟ ପ୍ଲଟ ଓ ଆପାର୍ଟମେଣ୍ଟ ପଞ୍ଜୀକରଣ, ପ୍ରତିଶ୍ରୁତି ପରିଣତ ହୋଇଛି ପ୍ରତାରଣାରେ । ସରକାରଙ୍କ ଏପରି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି ବିଜେଡି ଓ କଂଗ୍ରେସ । ବିଜେପି ସରକାରର କଥା ବଡ ବଡ଼, ହେଲେ କାମ ଶୂନ । କଥା ଦେଇ ଭୁଲିଯିବା ମୋହନ ସରକାରର ଅଭ୍ୟାସ ହୋଇଗଲାଣି । ନିର୍ବାଚନ ପୂର୍ବରୁ ଚିଟଫଣ୍ଡ କ୍ଷତିଗ୍ରସ୍ତକୁ ଲୋଭ ଦେଖାଇଥିଲା ବିଜେପି । ସରକାରକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ଅର୍ଥ ଫେରସ୍ତ କରାଯିବ । କିନ୍ତୁ ଶାସନକୁ ଆସିବା ପରେ ତାକୁ ଭୁଲିଗଲେ ମୋହନ ସରକାର । ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ପରେ ଦର୍ଶନକୁ ନେଇ ଚରମ ବିଶୃଙ୍ଖଳା । ଆଇନ ମନ୍ତ୍ରୀ କହିଲେ ଜାନୁଆରୀ ୨୦ରୁ ଧାଡ଼ି ଦର୍ଶନ ହେବ । ପରେ କହିଲେ ଫେବୃଆରୀ ପହିଲାରୁ ଆରମ୍ଭ ହେବ । କିନ୍ତୁ ଏଯାଏଁ ତାହା ହେଲା ନାହିଁ । ପାର୍ଟ ପ୍ଲଟ ଓ ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନର ବାଟ ମଧ୍ୟ ଫିଟୁନାହିଁ । ରାଜସ୍ୱ ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ ତାରିଖ ପରେ ତାରିଖ ଦେଉଛନ୍ତି । ଏପ୍ରିଲ ପହିଲା ଥିଲା ଆଶ୍ୱାସନାର ଶେଷ ତାରିଖ । ଏ ନେଇ କିଛି ବାଟ ବାହାରି ନାହିଁ । ସରକାରଙ୍କ ଏପରି ଦୋମୁହାଁ ଆଭିମୁଖ୍ୟକୁ ନେଇ ବର୍ଷିଛି କଂଗ୍ରେସ ।କେବଳ ସେତିକି ନୁହଁ, ବିରୋଧୀ ଦଳରେ ଥିବା ବେଳେ ଧାନ କିଣା ଅନିୟମିତତାକୁ ନେଇ ରାସ୍ତାକୁ ଓହ୍ଲାଉଥିଲା ବିଜେପି । ସରକାରକୁ ଆସିଲା ପରେ କହିଲେ ଚାଷୀଙ୍କ ଧାନରେ କିଛି କଟନୀ ଛଟନୀ ହେବ ନାହିଁ । ହେଲେ ନୂଆ ସରକାରରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ । ଏଠି ବି ଫେଲ୍ ମାରିଲା ପ୍ରତିଶ୍ରୁତି । ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ ମାରିଲେ, ଏହାକୁ ନେଇ ରାଜ୍ୟ ସାରା ହୁଲସ୍ଥୁଲ ହେଲା । ଆଇନ ମନ୍ତ୍ରୀ କହିଲେ, ଜିଲ୍ଲାପାଳଙ୍କ ରିପୋର୍ଟ ପରେ ହେବ କାର୍ଯ୍ୟାନୁଷ୍ଠାନ । ଏବେ ସୁଦ୍ଧା ଜଣାପଡ଼ିନି ଜିଲ୍ଲାପାଳ କି ରିପୋର୍ଟ ଦେଲେ । ଅଭିଯୁକ୍ତ ବିରୋଧରେ କୌଣସି ଆକ୍ସନ ବି ହେଲାନି । ଭରତପୁରରେ ପୋଲିସ-ଆର୍ମି ଝଗଡାରେ ସରକାର ବଦନାମ ହେଲେ । ତଦନ୍ତ କମିଶନ ବସାଇଲେ, ରିପୋର୍ଟ ବି ଆସିଲା । ହେଲେ ଫଳ ଶୂନ । କୁହାଳିଆ ସରକାର କେବଳ ରଙ୍ଗ ବଦଳାଇବାରେ ମାହିର, କାମରେ ଶୂନ ବୋଲି କହିଛି ବିଜେଡି । କେବଳରେ ଯେ ସରକାର ଡେଡ୍ ଲାଇନରେ କାମ କରିବାରେ ଫେଲ୍ ମାରୁଛନ୍ତି, ତାହା ନୁହେଁ। ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ବାରମ୍ବାର ମିସ୍ ହୋଇ ଯାଉଛି ଡେଡ୍ ଲାଇନ୍ । ତାରିଖ ପରେ ତାରିଖ ଦିଆଯାଉଛି । କିନ୍ତୁ ରାଜ୍ୟ ବିଜେପି ସଭାପତି ଘୋଷଣା ହୋଇପାରୁନି । ଅର୍ଥାତ ନା ବିଜେପି ସରକାର ଧାର୍ଯ୍ୟ ସମୟରେ ନିଜ ପ୍ରତିଶ୍ରୁତି ରଖିପାରୁଛନ୍ତି ନା ଠିକ୍ ସମୟରେ ଦଳୀୟ କାମ କରିପାରୁଛି । ଏସବୁ ଦେଖିଲେ, ଗୋଟିଏ କଥା ସ୍ପଷ୍ଟ, ବିଜେପିର ଉଭୟ ସରକାର ଓ ଦଳରେ ଫେଲ ମାରୁଛି ଡେଡ୍ ଲାଇନ ।

## ସୁନ୍ଦରଗଡ଼ରେ କୋଇଲା ଦୁର୍ନୀତି ମାମଲା; ସ୍ଥିତି ପରଖିବେ ମନ୍ତ୍ରୀ



ଭୁବନେଶ୍ୱର,୧୮।୪(ପି.ଏନ): ସୁନ୍ଦରଗଡରେ ଖଣି ଚୋରି ମାମଲା। ସୁନ୍ଦରଗଡ ଅଭିମୁଖେ ବାହାରିଲେ ଦୁଇ ମନ୍ତ୍ରୀ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ଖଣି ମନ୍ତ୍ରୀ ଖଣି ଚୋରା ମାମଲାର ତଦାରଖ ପାଇଁ ଗସ୍ତ କରିଛନ୍ତି ।ଗଣେଶ ରାମ ସିଂ ଖୁଣ୍ଟିଆ, ବିଭୂତି ଜେନା ଘଟଣା ସ୍ଥଳରେ ସ୍ଥିତି ପରଖିବେ ।ଜିଲ୍ଲାର କୁଲାପଡା, ତେଲେନଡିହି ଜଙ୍ଗଲରେ ଶହ ଶହ ଚୋରା କୋଇଲା ଖଣିରେ ଦୁର୍ନୀତି ମାମଲାରେ ସ୍ଥିତି ପରଖିବେ ମନ୍ତ୍ରୀ ।ସୁନ୍ଦରଗଡରେ କୋଇଲା ଚୋରିର ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଭୋଇ ।ପୂର୍ବରୁ ପ୍ରଶାସନ ପକ୍ଷରୁ ଚାଲିଥିବା ଚଢ଼ାଉରେ ଖଣିରେ ଗଚ୍ଛିତ ଥିବା କୋଇଲା ଗୁଡିକୁ ଜବତ କରାଯାଇଥିଲା ।ଏହି କୋଇଲାକୁ ବାହାର ରାଜ୍ୟ ଛତିଶଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ କୋଟି କୋଟି ଟଙ୍କାରେ ମାଫିଆ ମାନେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା ।ଯାହା ବିଷୟରେ ଖବର ପାଇବା ପରେ ପ୍ରଶାସନ ପକ୍ଷରୁ ଏହି ଚଢାଉ କରାଯାଇଥିଲା ।

## ଓଡିଶା-ଝାଡଖଣ୍ଡ ସୀମାନ୍ତରେ ବିସ୍ଫୋରଣ: ଅଳ୍ପକେ ବର୍ତ୍ତିଲେ ୨ ଯବାନ



ରାଉରକେଲା, ୧୮।୪(ପି.ଏନ): ଆଜି ଓଡିଶା-ଝାଡଖଣ୍ଡ ସୀମାନ୍ତରେ ଏକ ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ୨ ସିଆରପିଏଫ ଯବାନ । ଜଣେ ଯବାନଙ୍କୁ ଚିକିତ୍ସା ପାଇଁ ଆଣୁଥିବା ସମୟରେ ଏହି ବିସ୍ଫୋରଣର ହୋଇଥିଲା । ତେବେ ଏହି ବିସ୍ଫୋରଣଟି ଏକ ବ୍ରିଜ୍ ନିକଟରେ ହୋଇଥିବା ସୂଚନା ମିଳିଛି । ଖବର ମିଳିବା ପରେ ପୋଲିସ ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି ।ଅନ୍ୟପଟେ ଆଜି ମାଲକାନଗିରିରେ ଟପ୍ ମାଓ ନେତା ହିଡମାର ବଙ୍କର ଠାବ କରାଯାଇଛି । ଛତିଶଗଡ ବିଜାପୁର-ସୁକୁମା ଘଞ୍ଚ ଜଙ୍ଗଲରୁ ସେମାନଙ୍କୁ ଠାବ କରାଯାଇଛି । ଆତ୍ମଗୋପନ ପାଇଁ ଏହାକୁ ବ୍ୟବହାର କରୁଥିବା ସୂଚନା ମିଳିଛି । ଗୁଇନ୍ଦା ସୂଚନା ଆଧାରରେ ସେହି ବଙ୍କରଟିକୁ ଯବାନମାନେ ନଷ୍ଟ କରିଦେଇଛନ୍ତି ।

## ସୁକୁମାରେ ୯ ମହିଳା ନକ୍ସଲଙ୍କ ସମେତ ୨୨ ଜଣଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର,୧୮।୪(ପି.ଏନ): ସୁରକ୍ଷା ବାହିନୀଙ୍କୁ ବଡ଼ ସଫଳତା । ଛତିଶଗଡ଼ ସୁକମାରେ ୯ ମହିଳା ନକ୍ସଲଙ୍କ ସମେତ ୨୨ ଜଣଙ୍କ ଆତ୍ମସମର୍ପଣ କରିଛନ୍ତି । ସିଆରପିଏଆ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ନିକଟରେ ସେମାନେ ଆତ୍ମସମର୍ପଣ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୁଣ୍ଡରେ ୮ ଲକ୍ଷ ଟଙ୍କା ପୁରସ୍କାର ଥିଲା । ସେହିପରି ଅନ୍ୟ ଦୁଇ ଜଣଙ୍କ ମୁଣ୍ଡରେ ୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା ।ସରକାରଙ୍କ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇ ନକ୍ସଲ ଆତ୍ମସମର୍ପଣ କରୁଛନ୍ତି । ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି ସେମାନେ ମୁଖ୍ୟଧାରାରେ ସାମିଲ ହୋଇ ସମାଜ ପାଇଁ ଭଲ କରିବେ ବୋଲି ସିଆରପିଏଫ୍ ଡିଆଇଜି କହିଛନ୍ତି । ଆତ୍ମସମର୍ପଣ କରିଥିବା କିଛି ନକ୍ସଲ ଓଡ଼ିଆ ନୂଆପଡ଼ା ଡିଭିଜନରେ ବି କାମ କରୁଥିଲେ ।

## ଖୋଲୁଛି କଟକ ବନ୍ଧୁକ କାରଖାନା ଗୁମର, ଓଡ଼ିଶାରେ ବିକ୍ରି ହୋଇଛି ଶହେରୁ ଅଧିକ



କଟକ,୧୮।୪(ପି.ଏନ): ୨ ଦିନିଆ ରିମାଣ୍ଡରେ ବନ୍ଧୁକ କାରିଗର । କୋଲକାତାରୁ କଟକ ଭାୟା ମୁଙ୍ଗେର । କ୍ରିମିନାଲଙ୍କ ହାତରେ ଦେଶୀ ବନ୍ଧୁକ । କଟକ ବୟାଳିଶ ମୌଜା ବନ୍ଧୁକ ବେପାରର ଧୀରେ ଧୀରେ ଖୋଲୁଛି ଗୁମର । ୨ ଦିନିଆ ରିମାଣ୍ଡରେ ଆସି ସତ ଉଗାରୁଛନ୍ତି ଅଭିଯୁକ୍ତ । ଗୁହାଳ ନାଁରେ ଚାଲିଥିଲା ବନ୍ଧୁକ କାରଖାନା । ଚଢ଼ାଉ କରି ପୁଳାପୁଳା ବନ୍ଧୁକ ଓ କଞ୍ଚାମାଲ ଜବତ ପରେ ଏବେ ଅନେକ ରୋଚକ ତଥ୍ୟ ଏସଟିଏଫ ହାତରେ ଲାଗିଛି ।ଜଙ୍ଗଲ ଭିତରେ କେବଳ ବ୍ୟାରେଲ, ସ୍ଲାଇଡ଼, ହ୍ୟାଣ୍ଡଗ୍ରୀପ ତିଆରି ହୋଇ ସେସବୁକୁ ମୁଙ୍ଗେର ପଠାଯାଉଥିଲା । ୫ ହଜାର ଟଙ୍କାର ଏଠାରୁ ଅର୍ଦ୍ଧ ନିର୍ମିତ ପିସ୍ତଲ ମୁଙ୍ଗେର ଯାଉଥିଲା । ସେଠାରେ ଫିନିସିଂ ପରେ ଏହାକୁ ୫୦ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା । ଏସବୁର ତଦନ୍ତ ପାଇଁ ମୁଙ୍ଗେର ଏକ ସ୍ୱ?ଶାଳ ଟିମ ଗସ୍ତ କରି ବିହାରର ଗ୍ୟାଙ୍ଗଷ୍ଟାର ଗ୍ରୁପ ଶତାଧିକ ପିସ୍ତଲର ଅର୍ଡର ଦେଇଥିବା କଥା ଜାଣିବାକୁ ପାଇଛି । କୋଲକାତାରୁ କଞ୍ଚାମାଲ ଆସୁଥିଲା । ଆଉ ଗୋଟିଏ ଟିମ ସେହି ସ୍ଥାନକୁ ଖୁବଶୀଘ୍ର ଗସ୍ତ କରିବ । ଏସଟିଏଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ଓଡ଼ିଶାରେ କେତେ ବନ୍ଧୁକ ବିକ୍ରି ହୋଇଛି ସେ ନେଇ ଆରମ୍ଭ ହୋଇଛି ତନାଘନା । କିଏ, କେତେ ଟଙ୍କାରେ ଏହି ବନ୍ଧୁକ କିଣିଛନ୍ତି, ସେ ନେଇ ସମ୍ପୂର୍ଣ୍ଣ ସୂଚନା ଏହି ୨ ଦିନରେ ମିଳିପାରେ ବୋଲି ଏସଟିଏଫ ସୂତ୍ରରୁ ଜଣାପଡିଛି ।ବନ୍ଧୁକ ଡିଲରେ ଲଗାମ ଲଗାଇବା ପାଇଁ ୨୦୧୪ରେ ଆରମ୍ଭ ହୋଇଥିଲା ଅପରେସନ ବ୍ଲାକ ସ୍ମୋକ । କୁଇକ ଆକ୍ସନ ଟିମ୍ ଏହାର ତଦନ୍ତ ଭାର ନେବା ସହ ସେହିବର୍ଷ ୯୩ଟି ମାଉଜର ଓ ୨୪୯ଟି ଅଫୁଟା ଗୁଳି ଜବତ କରିଥିଲା । ୨୦୧୫ରେ ୧୧୩ଟି ମାମଲା ରୁଜୁ କରାଯିବା ସହ ୬୩ଟି ମାଉଜର ସହ ୧୬୨ଟି ଅଫୁଟା ଗୁଳି ଜବତ ହୋଇଥିଲା । ୨୦୧୬ରେ ୧୨୨ଟି ମାମଲା ରୁଜୁ ହେବା ସହ ୮୯ଟି ମାଉଜର ଓ ୨୧୨ଟି ଅଫୁଟା ଗୁଳି ଜବତ ହୋଇଥିଲା । ୩ ବର୍ଷରେ ୩୭୮ ଜଣଙ୍କୁ ଗିରଫ କରି ଅପରାଧୀଙ୍କ ମନରେ ଛନକା ପୂରାଇ ଥିଲା କ୍ୟୁଏଟି । ଏବେ ସ୍ୱ?ଶାଳ କ୍ରାଇମ ୟୁନିଟ ଓ ସ୍ୱ?ଶାଳ ସ୍କ୍ୱାଡ ମଧ୍ୟ ସଂଗଠିତ ଅପରାଧକୁ ମାତ ଦେବାକୁ ଯାଇ ବିଗତ କିଛି ଦିନ ଭିତରେ ନିଶା ମାଫିଆ, ବନ୍ଧୁକ ବେପାରୀ ଓ ଜମି ଦଲାଲଙ୍କ ନିଦ ହଜାଇ ଦେବା ସହ ଅତ୍ୟାଧୁନିକ ବନ୍ଧୁକ କାରବାରରେ ରୋକ ଲଗାଇଥିଲା । ପରେ ପରେ ଏସଟିଏଫର ଏହି ବଡ଼ ରେଡ଼ ଅପରାଧୀଙ୍କ ଛାତିରେ ଛନକା ପୂରାଇଛି ।ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ରାୟ ଦେଢ଼ ବର୍ଷ ହେଲା ବନ୍ଧୁକ କାରଖାନା ଚାଲିଥିବା ବେଳେ ପୋଲିସ ଜାଣିପାରୁ ନଥିଲା କିପରି ? କେତେ ଲୋକ ଏହି ଚୋରା ବନ୍ଧୁକ କିଣିଛନ୍ତି ? ୩ ଦିନିଆ ରିମାଣ୍ଡରେ ଏସବୁ ଉପରୁ ହଟିପାରେ ପରଦା ।

## ନବୀନ ଶାସନକୁ ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ମୋହର, ନ୍ୟାୟ ପ୍ରଦାନରେ ଓଡ଼ିଶାର ବଢିଆ ପ୍ରଦର୍ଶନ

ଭୁବନେଶ୍ୱର,୧୮।୪(ପି.ଏନ): ଓଡ଼ିଶାରେ ବଢ଼ିଛି ଦୋଷୀ ସାବ୍ୟସ୍ତ ହାର । ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ନବୀନ ଶାସନରେ ପୋଲିସ, ଆଇନ ସହାୟତା, ଉନ୍ନତ କାରାଗାର ବ୍ୟବସ୍ଥା ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହୋଇପାରିଛି । ଯେଉଁଥି ପାଇଁ ଓଡ଼ିଶାର ରାଙ୍କ ୨୦୨୨ରେ ୧୧ ତମ ସ୍ଥାନରେ ଥିଲା । ୨୦୨୩-୨୪ ବର୍ଷରେ ଏହି ରାଙ୍କ ୮ମ ସ୍ଥାନକୁ ଉନ୍ନୀତ ହୋଇଛି । ଯାହାକୁ ନେଇ ଆଇନଜୀବୀ ଓ ବିଶେଷଜ୍ଞ ପ୍ରଶଂସା କରିଛନ୍ତି । ଅନ୍ୟପଟେ ଉତ୍ତର ପ୍ରଦେଶ ପରି ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକ ରିପୋର୍ଟ ଅନୁଯାୟୀ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବହୁ ତଳେ ପଡ଼ିଛନ୍ତି ।ପ୍ରକାଶ ପାଇଛି ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ । ନ୍ୟାୟ ପ୍ରଦାନରେ ଓଡ଼ିଶା ସୃଷ୍ଟି କରିଛି ଉଦାହରଣ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଜବରଦସ୍ତ ପ୍ରଦର୍ଶନ । ୧୮ଟି ରାଜ୍ୟ ଭିତରୁ ଓଡ଼ିଶା ୧୧ ତମ ରାଙ୍କରୁ ୮ମ ରାଙ୍କକୁ ଉନ୍ନୀତ ହୋଇଛି । ୨୦୨୩-୨୪ ବର୍ଷରେ ଓଡ଼ିଶାର ଦୋଷୀ ସାବ୍ୟସ୍ତ ହାରକୁ ବିଶ୍ଳେଷଣ କରି ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ମୁଖ୍ୟତଃ ୪ଟି ମାନଦଣ୍ଡରେ ଓଡ଼ିଶାର ସ୍ଥାନ ଉପରକୁ ଉଠିଛି । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମୟରେ ପୋଲିସ ବ୍ୟବସ୍ଥା, ଉନ୍ନତ କାରାଗାର ଭିତ୍ତିଭୂମି, ଆଇନଗତ ସହାୟତା ଯୋଗୁଁ ନ୍ୟାୟ ପ୍ରଦାନ ତ୍ୱରାନ୍ୱିତ ହୋଇଛି । କୋର୍ଟ ଭିତ୍ତିଭୂମି, ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ, ଓଡିଶା ହାଇକୋର୍ଟକୁ ଡିଜିଟାଲ କରିବାରେ ପୂର୍ବ ସରକାରଙ୍କ ଅବଦାନ ପ୍ରଶଂସନୀୟ । ପୂର୍ବତନ ଅତିରିକ୍ତ ପବ୍ଲିକ୍ ପ୍ରୋସେକ୍ୟୁଟର ତଥା ବିଶିଷ୍ଟ ଆଇନଜୀବୀଙ୍କ ମତରେ ନବୀନ ସରକାରରେ ପୋଲିସ ରାଜନୈତିକ ପ୍ରଭାବରୁ ମୁକ୍ତ ଥିଲା । ଏହାସହ ଜେଲରେ କଏଦୀଙ୍କ ସଂସ୍କାର କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନିର୍ଭୟା ଘଟଣା ପରେ କେନ୍ଦ୍ର ସରକାର କେନ୍ଦ୍ର ଓ ରାଜ୍ୟ ଅଂଶ ମିଶାଇ କ୍ଷତିପୂରଣ ପାଣ୍ଠି ଗଠନ କରିଥିଲେ । ରାଜ୍ୟ ବଜେଟରେ ତାକୁ ଅଗ୍ରାଧିକାର ଦେଇଥିଲେ ପୂର୍ବ ସରକାର । ସେହିପରି ଆଇନ ସହାୟତା ପାଇଁ ମହିଳାଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିଥିଲେ ବିଜେଡି ସରକାର ।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ସମୟରେ ଡବଲ ଇଞ୍ଜିନ ସରକାର ଥିବା ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବହୁ ପଛରେ ପଡ଼ିଛନ୍ତି । ନ୍ୟାୟ ପ୍ରଦାନ କ୍ଷେତ୍ରରେ ଉତ୍ତରପ୍ରଦେଶ ପଛରେ ରହିଛି । ସେହିପରି ଗୁଜୁରାଟ, ରାଜସ୍ଥାନ, ଛତିଶଗଡ଼, ଝାଡଖଣ୍ଡ ରାଜ୍ୟ ପଛରେ ରହିଛନ୍ତି । ନ୍ୟାୟ ପ୍ରଦାନ ପାଇଁ ଦାୟୀ ମୁଖ୍ୟତଃ ୪ଟି ମୌଳିକ ଆବଶ୍ୟକତା ପୂରଣ କରିବାକୁ ହେଲେ ସରକାରଙ୍କ ଆନ୍ତରିକତା ଏକାନ୍ତ ଆବଶ୍ୟକ । ପୋଲିସ ଭିତ୍ତିଭୂମି ବିକାଶ ପାଇଁ ବଜେଟ୍, ପୋଲିସ ଷ୍ଟେସନର ଆଧୁନିକୀକରଣ, ନିଯୁକ୍ତି, କାର୍ଯ୍ୟଭାର ସୁଆବଣ୍ଟନ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଯୋଗୁଁ ତ୍ୱରିତ ନ୍ୟାୟ ପ୍ରଦାନ ସମ୍ଭବ ହୋଇପାରିଛି । ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ । ଏ ଦିଗରେ ଓଡ଼ିଶା ପୂର୍ବ ସରକାର ସମୟରେ ସୃଷ୍ଟି କରିଥିଲା ଉଦାହରଣ । ଏବର ସରକାର ଏହାକୁ ବଜାୟ ରଖିପାରିଲେ ପୁଣି ଥରେ ରାଜ୍ୟ ସମ୍ମାନ ପୂର୍ବ ସ୍ଥିତିରେ ରହିବ, ନହେଲେ ତଳକୁ ଖସି ଆସିବ ।

## ନିକୁଞ୍ଜ ଧଳଙ୍କୁ ମହଙ୍ଗା ପଡିଲା ମୁଖ୍ୟମନ୍ତ୍ରୀଙ୍କ ଉପରେ ମାମଲାତି

ଭୁବନେଶ୍ୱର,୧୮।୪(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ନିକୁଞ୍ଜବିହାରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଭାବେ ନିଯୁକ୍ତି ମିଳିଛି । କେନ୍ଦ୍ର କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶୁକ୍ରବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ରାଜ୍ୟର ପ୍ରଥମ ବିଜେପି ସରକାରର ପ୍ରଥମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ମାମଲାତି ଦେଖାଇବା ଆଇଏଏସ୍ ଶ୍ରୀ ଧଳଙ୍କୁ ମହଙ୍ଗା ପଡିଛି ଏବଂ ସେଥିପାଇଁ ତାଙ୍କୁ ବାଧ୍ୟତାମୂଳକ ଡେପୁଟେସନରେ କେନ୍ଦ୍ରକୁ ପଠାଇ କମ୍ ଗୁରୁତ୍ୱବହନ କରୁଥିବା ଗୋଟିଏ ପଦବୀରେ ଅବସ୍ଥାପିତ କରାଯାଇଛି ବୋଲି ପାୱାର କରିଡରରେ ଚର୍ଚ୍ଚା । ମୁଖ୍ୟମନ୍ତ୍ରୀଙ୍କ ସଚିବ ଭାବେ ଶ୍ରୀ ଧଳ କିଭଳି ବାରମ୍ବାର ପ୍ରୋଟୋକଲକୁ ଅଣଦେଖା କରୁଥିଲେ ସେ ସଂକ୍ରାନ୍ତରେ ଏକ ବିସ୍ତୃତ ଖବର 'ଓଡିଶା ରିପୋର୍ଟର'ରେ ଫେବୃୟାରୀ ୩ତାରିଖରେ ପ୍ରକାଶିତ ହେବାପରେ ପ୍ରଶାସନିକ କରିଡରରେ ହଲଚଲ୍ ଦେଖିବାକୁ ମିଳିଥିଲା ।

କାହିଁକି ବିଦା ହେଲେ ନିକୁଞ୍ଜ

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପ୍ରଥମ ବିଜେପି ସରକାର ଗଠନ ହେବାପରେ ୧୯୯୩ ବ୍ୟାଚ୍ ଆଇଏଏସ୍ ଶ୍ରୀ ଧଳଙ୍କୁ ୨୦୨୪ ଜୁଲାଇ ପହିଲାରୁ 'ମୁଖ୍ୟମନ୍ତ୍ରୀଙ୍କ ସଚିବ' ଭାବେ ଅବସ୍ଥାପିତ କରାଯାଇଥିଲା । ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ଅଫିସର ଶ୍ରୀ ଧଳଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିବା ମଧ୍ୟ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀରେ ରହି ଶ୍ରୀ ଧଳ ରାଜ୍ୟ ସରକାରଙ୍କ ବିଭିନ୍ନ ବୈଠକ, ଏପରିକି ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରୁଥିବା ପ୍ରାୟତଃ ସମସ୍ତ ବୈଠକଗୁଡିକରେ ନିୟମିତ ଭାବେ ଆଗଧାଡିରେ ବସି ବୈଠକରେ ନିଜର ଉପସ୍ଥିତି ଜାହିର କରିବାକୁ ପଛାଉନାହାନ୍ତି । 'ଉତ୍କର୍ଷ ଓଡିଶା' ଓ 'ପ୍ରବାସୀ ଭାରତୀୟ ଦିବସ ସମାରୋହ' ଭଳି କାର୍ଯ୍ୟକ୍ରମ ସମେତ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରୁଥିବା ସମସ୍ତ ବୈଠକରେ ଶ୍ରୀ ଧଳଙ୍କୁ ମୁଖ୍ୟସଚିବ ଓ ଉନ୍ନୟନ କମିଶନରଙ୍କ ବାମପାଶ୍ୱର୍ରେ ବସୁଥିବାର ଫଟୋଚିତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯାଉଛି । ଅନେକ ସମୟରେ ଶ୍ରୀ ଧଳ ତାଙ୍କଠୁ ସିନିୟର ଥିବା ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ଅଫିସର ସତ୍ୟବ୍ରତ ସାହୁ ଓ ଦେଓରଞ୍ଜନ ସିଂଙ୍କୁ ଏଡାଇ ମୁଖ୍ୟ ସଚିବ ମନୋଜ ଆହୁଜା ଓ ଉନ୍ନୟନ କମିଶନର ଅନୁଗର୍ଗଙ୍କ ବାମପାଶ୍ୱର୍ରେ ବସୁଥିବାର ଫଟୋଚିତ୍ର ସରକାରଙ୍କ ଦ୍ୱାରା ଗଣମାଧ୍ୟମକୁ ଜାରି ହେଉଛି । ମୁଖ୍ୟମନ୍ତ୍ରୀଙ୍କ ସଚିବ ନିଜେ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ଗୋଟିଏ ଟେବୁଲରେ ବସିବା ଏବଂ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ କାର୍ଯ୍ୟାଳୟରେ ରାତି ୧୦-୧୧ଟା ପର୍ଯ୍ୟନ୍ତ ରହୁଥିଲେ ମଧ୍ୟ ଶ୍ରୀ ଧଳ ସନ୍ଧ୍ୟା ୭-୮ଟାରେ ଘରକୁ ପଳାଉଥିବାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଲାଗି ରହିଛି । 'ରୁଲସ୍ ଅଫ ବିଜିନେସ' ଓ 'ପ୍ରୋଟୋକଲ'କୁ ଅଣଦେଖା କରି ଶ୍ରୀ ଧଳ ଏସବୁ କାର୍ଯ୍ୟ କରୁଥିବା ସଂକ୍ରାନ୍ତ ପ୍ରଶାସନିକ ତ୍ରୁଟିକୁ ନେଇ ହେଉଥିବା ପାୱାର କରିଡରର ହଲଚଲ୍ ସଂକ୍ରାନ୍ତୀୟ ଏକ ବିସ୍ତୃତ ରିପୋର୍ଟ 'ଓଡିଶା ରିପୋର୍ଟର'ରେ ପ୍ରକାଶିତ ହୋଇଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନିକସ୍ତରରେ ଅଙ୍କୁଶ ଲାଗି ପାରିନଥିଲା । ସମ୍ଭବତଃ ଏବେ ତାଙ୍କୁ ବାଧ୍ୟତାମୂଳକ ଡେପୁଟେସନରେ କେନ୍ଦ୍ରକୁ ପଠାଯାଇବା ପଛରେ ଏସବୁ କାରଣ ରହିଥିବା ଚର୍ଚ୍ଚା ହେଉଛି । ଡେପୁଟେସନ ଅବଧି ସରିବା ପୂର୍ବରୁ ବିଦା କରିଥିଲା କେନ୍ଦ୍ର

ଶ୍ରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି । ଏହି ପଦବୀରେ କାର୍ଯ୍ୟରତ ଆଇଏଏସ୍ ଉମଙ୍ଗ ନରୁଲା ଜୁନ୍ ୩୦ରେ ଅବସର ନେବେ । ଏହାପରେ ସେହି ପଦବୀରେ ଶ୍ରୀ ଧଳ କାର୍ଯ୍ୟ କରିବେ ବୋଲି ଶୁକ୍ରବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଅର୍ଥାତ୍ ଶ୍ରୀ ଧଳ ଓଡିଶାରେ ଆଉ ପ୍ରାୟ ଅ??ଇମାସ କାର୍ଯ୍ୟ କରିବେ । ତେବେ ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ଶ୍ରୀ ଧଳଙ୍କର କେନ୍ଦ୍ର ସରକାରରେ କାର୍ଯ୍ୟ କରିବାର ତିକ୍ତ ଅନୁଭୂତି ରହିଛି । କେନ୍ଦ୍ର ସରକାର ୨୦୧୭ ଏପ୍ରିଲ ମାସରେ ତାଙ୍କର ଡେପୁଟେସନ ଅବଧିକୁ ଆଗୁଆ ସମାପ୍ତ କରି ଓଡିଶା ପଠାଇ ଦେଇଥିଲେ । କେନ୍ଦ୍ର କୋଇଲା ମନ୍ତ୍ରଣାଳୟରେ ସେ କାର୍ଯ୍ୟ କରିବାବେଳେ ତତକାଳୀନ ବିଭାଗୀୟ ମନ୍ତ୍ରୀଙ୍କ ସୁପାରିଶରେ ତାଙ୍କୁ ଓଡିଶା ପଠାଇ ଦିଆଯାଇଥିବା ଚର୍ଚ୍ଚା ହେଉଛି । ଯେଉଁଥିପାଇଁ ଶ୍ରୀ ଧଳ ୨୦୧୭ ଏପ୍ରିଲ ୧୦ରୁ ଜୁନ୍ ୯ତାରିଖ ପର୍ଯ୍ୟନ୍ତ ପ୍ରାୟ ୨ମାସ ଛୁଟିରେ ରହିଥିଲେ । ପରେ ଓଡିଶା ସରକାର ତାଙ୍କୁ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ୨୦୧୭ ଅକ୍ଟୋବର ୧୦ତାରିଖ ପର୍ଯ୍ୟନ୍ତ (୪ମାସ ରଖି) କାର୍ଯ୍ୟ କରିବାର ସୁଯୋଗ ଦେଇ ଭୁବନେଶ୍ୱର ଫେରାଇ ଆଣିଥିଲେ ।

ଶ୍ରୀ ଧଳ ଏବେ 'ମୁଖ୍ୟମନ୍ତ୍ରୀଙ୍କ ସଚିବ' ପଦବୀରେ କାର୍ଯ୍ୟରତ ଥାଇ ଦିଲ୍ଲୀକୁ କେନ୍ଦ୍ରୀୟ ଡେପୁଟେସନରେ ଯିବା ପଛରେ ବି ଏଭଳି 'ବାଧ୍ୟତାମୂଳକ ପ୍ରକ୍ରିୟା' ରହିଥିବା ଚର୍ଚ୍ଚା ହେଉଛି ।

କ'ଣ କହୁଛନ୍ତି ବିଶେଷଜ୍ଞ

ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଛନ୍ତି ଯେ, ଏ ସରକାରରେ ବିଭିନ୍ନ ପ୍ରକାରର ପ୍ରଶାସନିକ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଯଦି ଶୀର୍ଷ ପାହ୍ୟାର ଅଫିସରମାନେ ପ୍ରୋଟୋକଲ ପାଳନ ନକରିବେ ତା'ହେଲେ ସରକାର ସେମାନଙ୍କ ପ୍ରତି କଠୋର ହେବାର ଆବଶ୍ୟକତା ରହିଛି । ପୂର୍ବର ନବୀନ ପଟ୍ଟନାୟକ ସରକାରରେ ଜଣେ ଅଫିସର କିଭଳି ସବୁ ପ୍ରୋଟୋକଲକୁ ନିଜ ମର୍ଜିରେ ପାଳନ କରୁଥିଲେ ତାହା ରାଜ୍ୟବାସୀ ଦେଖିଛନ୍ତି । ତେଣୁ ଯେମିତି କରିବେ ସେମିତି ଭୋଗିବେ ବୋଲି ସେ ସତର୍କ କରାଇ ଦେଇଛନ୍ତି ।

ସେହିପରି ଜଣେ ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ରୁଲସ୍ ଅଫ ବିଜିନେସ ଅନୁସାରେ 'ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସଚିବ' ରାଜ୍ୟ ସରକାରଙ୍କ କୌଣସି ଫାଇଲରେ କୌଣସି ମତାମତ ଲିଖିତ ଭାବେ ଦେଇପାରିବେ ନାହିଁ । ଯେକୌଣସି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ତଳୁ ବିଭାଗୀୟ ସଚିବ, ମୁଖ୍ୟ ସଚିବ ଅବା ଉନ୍ନୟନ କମିଶନରଙ୍କ ବାଟ ଦେଇ ବିଭାଗୀୟ ମନ୍ତ୍ରୀ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆସିଥାଏ । ତଳୁ ଆସିଥିବା ଫାଇଲରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୌପଚାରିକ ପରାମର୍ଶ ଦେବେ ଓ ମୁଖ୍ୟମନ୍ତ୍ରୀ ସେହି ଫାଇଲରେ ନିଜର ମତାମତ ଦେଇ ଦସ୍ତଖତ କରିଥାନ୍ତି ।

## ସାରା ରାଜ୍ୟରେ କାଳବୈଶାଖୀର ତାଣ୍ଡବ

ଭୁବନେଶ୍ୱର,୧୮।୪(ପି.ଏନ): ରାଜ୍ୟରେ କାଳବୈଶାଖୀର ତାଣ୍ଡବ । ପ୍ରବଳ ପବନ ସାଙ୍ଗକୁ ବଜ୍ରପାତ ଓ ବର୍ଷାରେ ବେହାଲ ସହର । ରାସ୍ତାରେ ଲହରୀ ଭାଙ୍ଗିଲା ପାଣି, ଘରେ ପଶିଲା ପାଣି । ଗଛ ଉପୁଡ଼ି ରାସ୍ତାରେ ପଡ଼ିବାରୁ ଅନେକ ସ୍ଥାନରେ ଯାତାୟାତ ପ୍ରଭାବିତ ହୋଇଛି । ଟୁଇନ ସିଟି ସମେତ ପୁରୀ, ବାଲେଶ୍ୱର ବର୍ଷା ଯୋଗୁଁ ବେହାଲ । ପିପିଲି ସତ୍ୟବାଦୀରେ ବଜ୍ରାଘାତରେ ପୁଅର ମୃତ୍ୟୁ ହୋଇଥିବାବେଳେ ବାପା ଗୁରୁତର ହୋଇଛନ୍ତି ।ଦିନରେ ରାତିର ଭ୍ରମ । ସୁସୁ ପବନ ସହ ମାଡ଼ି ଆସିଲା ବର୍ଷା । ଘଣ୍ଟାଏ ବର୍ଷାରେ ଉବୁଟୁବୁ ଟୁଇନ ସିଟି । କିଛି ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଲା । ପବନ ସାଙ୍ଗକୁ ପ୍ରବଳ ବର୍ଷାରେ ବେହାଲ ରାଜଧାନୀ । ଇସ୍କନ ମନ୍ଦିର ଆଗରେ ଜଳବନ୍ଦୀ ଯୋଗୁଁ ଯାତାୟାତ କିଛି ସମୟ ପାଇଁ ଠପ୍ ହୋଇଯାଇଛି । ଏପରିକି ଫ୍ଲାଏ ଓଭର ଉପରେ ଆଣ୍ଠୁଏ ପାଣି ଦେଖିବାକୁ ମିଳିଥିଲା । ଦିନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ୨୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସର୍ବାଧିକ ଝଟକା ପବନ ଘଣ୍ଟା ପ୍ରତି ୬୮ କିଲୋମିଟର ଥିଲା । ଫଳରେ କିଛି ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବାରୁ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।କଟକରେ ଗତକାଲି ରାତିରୁ ତୁହାକୁ ତୁହା ବର୍ଷା ଓ ପବନ ଲାଗି ରହିଥିବା ବେଳେ ପୂର୍ବାହ୍ନ ୯ ଟାରୁ ଏକ ଘଣ୍ଟା ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିଲା । ୧୨ଟା ପରେ ପାଗ ପରିବର୍ତ୍ତନ ହେବାରୁ ଘରୁ ବାହାରିଥିଲେ ଲୋକେ । ପିପିଲିରେ ବଜ୍ରାଘାତ ନେଇଛି ଜଣକ ଜୀବନ । ବିଲରେ ମୁଗ ଓପାଡୁଥିବା ଥିବା ବେଳେ ସତ୍ୟବାଦୀ ବ୍ଲକ୍ କେତକୀପାଟଣା ପଞ୍ଚାୟତ ପଦ୍ମପୁର ଗ୍ରାମରେ ପୁଅ ଦିପ୍ତି ରଞ୍ଜନ ବାରିକଙ୍କ ମୃତ୍ୟୁ ହୋଇଥିବାବେଳେ ବାପା କାଶିନାଥଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । ବାଲେଶ୍ୱରରେ ବର୍ଷା ଯୋଗୁଁ ରାସ୍ତାରେ ପାଣିର ସୁଅ ଛୁଟିଥିଲା । ୨୧ ନମ୍ବର ୱାର୍ଡ ଏକତା ନଗର ଅଞ୍ଚଳରେ ଘର ଭିତରେ ପଶିଥିଲା ପାଣି । ଏଥିପାଇଁ ପ୍ରଶାସନକୁ ଲୋକେ ଦାୟୀ କରିଥିବାବେଳେ କୋଟିଏ ୩୦ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନେଜ କାମ ପାଇଁ ବ୍ୟବସ୍ଥା ହୋଇଛି ହେଲେ ଟଙ୍କା ଆସିନି ବୋଲି କହିଛନ୍ତି କାଉନସିଲର ।






# ଗୋଟିଏ ମିନିଟରେ କୋଟିଏ ଆୟ



ସବୁବେଳେ ଚର୍ଚ୍ଚାରେ କିପରି ରହିବାକୁ ହୁଏ, ସେ କଳା ବିଷୟରେ ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ଭଲଭାବେ ଜଣା। ଉର୍ବଶୀ ଅଭିନୟ ଜଗତରେ ଏତେ ସଫଳ ହୋଇପାରି ନଥିଲେ ବି ମଡେଲିଂରେ ସେ ଅନ୍ୟମାନଙ୍କଠୁ ବହୁ ଆଗରେ। ଅନେକ ସମୟରେ ଉର୍ବଶୀ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଦାମୀ ଜିନିଷ ପିନ୍ଧି ଲାଇମଲାଇଟକୁ ଆସିଥାନ୍ତି। ଏବେ ସେ ନିଜର ଆୟ ବିଷୟରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ସ୍ୱୀକାର କରିଛନ୍ତି ଯେ ସେ ଗୋଟିଏ ମିନିଟରେ ୧କୋଟି ଟଙ୍କା ରୋଜଗାର କରନ୍ତି। ଏହା ସହ ସେ ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ତାଙ୍କର ଏଭଳି ଦାବି ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉର୍ବଶୀ ରାଉତେଲାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ରୋଜଗାର ଉପରେ ପ୍ରତିକ୍ରିୟା ରଖୁଛନ୍ତି। ଯେତେବେଳେ ଜଣେ ଗଣମାଧ୍ୟମ ପ୍ରତିନିଧି ଉର୍ବଶୀ ରାଉତେଲାଙ୍କୁ ପଚାରୁଛନ୍ତି ଯେ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ହେବା ପରେ କିପରି ଅନୁଭବ ହେଉଛି ଏହାର ଉତରରେ ଉର୍ବଶୀ କହୁଛନ୍ତି, ନିଜ ଚେଷ୍ଟାରେ ସଫଳ ହୋଇଥିବା ପ୍ରତି ଅଭିନେତ୍ରୀ ଏଭଳି ଦିନ ଦେଖନ୍ତୁ ବୋଲି ମୁଁ ଚାହେଁ। ତେବେ କିଛି ଲୋକ ଉର୍ବଶୀଙ୍କ ଏଭଳି ଦାବିକୁ ନେଇ ତାଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି।

# ବିଶାଳ ପୁସ୍ତକାଳୟ



ମଧ୍ୟ ପୂର୍ବ ଏସିଆର ସବୁଠୁ ବଡ଼ ଲାଇବ୍ରେରି ‘ମହମ୍ମଦ ବିନ୍ ରସିଦ୍ ଲାଇବ୍ରେରି’ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଦୁବାଇର ରାଜା ଶେକ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାର ନିର୍ମାଣରେ ୨୧୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ହାଇଟେକ୍ ଲାଇବ୍ରେରିରେ ୧୧ ଲକ୍ଷ ପୁସ୍ତକ, ୬୦ ଲକ୍ଷରୁ ଅଧିକ ନିବନ୍ଧ, ୭୩ ହଜାର ମ୍ୟୁଜିକ୍ ନୋଟସ୍, ୭୫ ହଜାର ଭିଡିଓ, ୫ ହଜାର ପାଣ୍ଡୁଲିପି ଓ ୩୫ ହଜାର ସମ୍ବାଦପତ୍ର ସ୍ଥାନ ପାଇଛି। ଏଠାରେ ନଅଟି ବିଭାଗ ରହିଛି। ସାଧାରଣ ପୁସ୍ତକାଳୟ, ଆରବ ପୁସ୍ତକାଳୟ, ଶିଶୁ ପୁସ୍ତକାଳୟ, ମିଡିଆ ପୁସ୍ତକାଳୟ, ବ୍ୟାପାର ପୁସ୍ତକାଳୟ, ଯୁବ ପୁସ୍ତକାଳୟ, ବିଶେଷ ସଂଗ୍ରହ ପୁସ୍ତକାଳୟ, ମାନଚିତ୍ର ଓ ଆଟଲାସ୍ ପୁସ୍ତକାଳୟ ଇତ୍ୟାଦି। ବଟନ୍ ଦବାଇବା ମାତ୍ରେ ପୁସ୍ତକଗୁଡ଼ିକ ପାଖକୁ ଚାଲିଆସିଥାଏ।

# ବିଛଣା ଭାଗ କରି ମାସକୁ ରୋଜଗାର ୪୨ ହଜାର



ସାଧାରଣତଃ ଲୋକମାନେ ଘର ଭଡା ଦେଇଥାନ୍ତି। ଏଥିପାଇଁ ଭଡାରେ ରହୁଥିବା ବ୍ୟକ୍ତି ଘରମାଲିକଙ୍କୁ ଦେଇଥାନ୍ତି ଘରଭଡା। କିନ୍ତୁ କେବେ ଶୁଣିଛନ୍ତି କି ନିଜ ବେଡ୍‌କୁ ଭଡାରେ ଦେବା କଥା। ଆଜ୍ଞା ହଁ ଆପଣ ଶୁଣୁଥିବା କଥା ସତ। ଜଣେ ମହିଳା ନିଜ ବେଡର ଅଧା ଭଡାରେ ଦେଇଛନ୍ତି। ପୁଣି ସେ ରଖିଛନ୍ତି କିଛି ସର୍ତ୍ତ। ଏହାସହିତ ଆଦାୟ କରୁଛନ୍ତି ମାସିକ ମୋଟା ଅଙ୍କର ଟଙ୍କା। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାଟି ଅଷ୍ଟ୍ରେଲିଆରୁ ସାମ୍ନାକୁ ଆସିଛି। ଜଣେ ଅଷ୍ଟ୍ରେଲୀୟ ମହିଳା ତାଙ୍କ ଶୋଇବା ଘରର ବେଡ୍‌କୁ ଅଧା ଭଡ଼ା ଦେଇଛନ୍ତି। ଅର୍ଥାତ୍ ବେଡ୍‌ର ଗୋଟିଏ ପାର୍ଶ୍ୱରେ ଭଡା ନେଇଥିବା ବ୍ୟକ୍ତି ଜଣକ ଶୋଇପାରିବେ ବୋଲି ସେ କହିଛନ୍ତି। ସେହି ଅଷ୍ଟ୍ରେଲୀୟାର କ୍ୱିସ୍‌ଲ୍ୟାଣ୍ଡରେ ରହୁଥିବା ଏହି ମହିଳାଙ୍କ ନାଁ ହେଉଛି ମୋନିକ୍ ଯେରେମିୟ। ମୋନିକ୍ ହେଉଛନ୍ତି ଜଣେ ମଡେଲ୍ ସେ ଏପରି ଏକ ଅଜବ ଭଡ଼ା ଦେଇଥିବା ନେଇ ଜଣାପଡ଼ିଛି। ସେ ନିଜ ବେଡ୍‌କୁ ସେ ଲୋକମାନଙ୍କୁ ଅଫର ଦେଇଥା’ନ୍ତି। ଆଉ ବେଡ୍ ସେୟାର କରି ମୋନିକ୍ ମାସିକ ୪୨ ହଜାର ଟଙ୍କା ମାସିକ ରୋଜଗାର କରନ୍ତି। ଏପରି କରି ସେ ମାସିକ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏମିତିକି ମୋନିକ୍‌ଙ୍କ ସହ ବେଡ୍ ସେୟାର କରିବାକୁ ହେଲେ କିଛି ସର୍ତ୍ତ ମଧ୍ୟ ମାନିବାକୁ ପଡିବ। ସର୍ତ୍ତ ଅନୁଯାୟୀ ବେଡ୍ ସେୟାର ସମୟରେ କୌଣସି ବ୍ୟକ୍ତି ରୋମାଂଟିକ୍ ବ୍ୟବହାର କରିପାରିବେ ନାହିଁ। ଏମିତିକି ଶୋଇବା ସମୟରେ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ ବୋଲି କହିଥିଲେ ମୋନିକ। ମୋନିକ୍‌ଙ୍କ କହିବା ଅନୁଯାୟୀ କରୋନା ସମୟରେ ସେ ଏକୁଟିଆ ରହୁଥିଲେ। ତେଣୁ ସେହି ସମୟରେ ସେ ଏକୁଟିଆ ଅନୁଭବ ନକରିବାକୁ ଏପରି ଏକ ଚିନ୍ତା କରିଥିଲେ। ଫଳରେ ବେଡ୍‌ର ଅଧା ସେୟାର କରିଥିଲେ। ଆଉ ଏଥିରୁ ସେ ଭଲ ରୋଜଗାର ମଧ୍ୟ କରିପାରିଛନ୍ତି।

# ‘ଆଶିକ୍-୩’ରେ ଆକାଂକ୍ଷା



ଫିଲ୍ମ ‘ଆଶିକି-୩’ ଘୋଷଣା ହେବା ପରେ ନିର୍ମାତା ଏହାର ମୁଖ୍ୟ ନାୟିକା ଖୋଜିବାରେ ଲାଗିପଡ଼ିଛନ୍ତି। ବର୍ତମାନ ଫିଲ୍ମର ଜଣେ ନୂଆ ଅଭିନେତ୍ରୀଙ୍କ ନାଁ ସାମ୍ନାକୁ ଆସିଛି। ଗଣମାଧ୍ୟମ ସୂଚନାଅନୁସାରେ, ‘ଆଶିକି-୩’ରେ ଅଭିନେତା କାର୍ତିକ ଆର୍ଯ୍ୟନଙ୍କ ଅପୋଜିଟ୍‌ରେ କନ୍ନଡ଼ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ କାଷ୍ଟ୍ କରାଇପାରେ। ଆକାଂକ୍ଷା ଏ ନେଇ ଫିଲ୍ମମେକରଙ୍କୁ ଅନେକ ଥର ଭେଟି ଆଲୋଚନା କରିଛନ୍ତି। ଯଦି ସବୁ ଠିକ୍ ରୁହେ, ତେବେ ସେ ‘ଆଶିକି’ର ତୃତୀୟ ସଂସ୍କରଣରେ ମୁଖ୍ୟ ନାୟିକା ହେବେ। ତେବେ ଫିଲ୍ମମେକର ଅଦ୍ୟାବଧି ଏ ନେଇ ଔପଚାରିକ ଘୋଷଣା କରିନାହାନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ନିର୍ମାତା ନୂଆ ଚେହେରା ଖୋଜୁଛନ୍ତି। ଆଶିକି ଫ୍ରାଂଚାଇଜିରେ ଆରମ୍ଭରୁ ନୂଆ ଚେହେରାଙ୍କୁ କାଷ୍ଟ୍ କରାଯାଇଛି। ରାହୁଲ ରୟ ଓ ଅନୁ ଅଗ୍ରୱାଲ ହୁଅନ୍ତୁ ବା ଆଦିତ୍ୟ ରୟ କପୁର ଓ ଶ୍ରଦ୍ଧା କପୁର, ଏମାନଙ୍କ ତାଜା ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚର୍ଚ୍ଚା ହେଉଛି, କାର୍ତିକଙ୍କ ସହ ଆକାଂକ୍ଷାଙ୍କ କେମିଷ୍ଟ୍ରି ବହୁତ ଭଲ ହେବ। ଏହା ପୂର୍ବରୁ ଟିଭି ଅଭିନେତ୍ରୀ ଜେନିଫର ୱିଙ୍ଗେଟ୍, ସାରା ଅଲି ଖାନ୍, କ୍ୟାଟ୍ରିନା କୈଫ୍ ଓ ଦୀପିକାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନାଁ ଫିଲ୍ମର ଲିଡ୍ ଲେଡି ପାଇଁ ସାମ୍ନାକୁ ଆସିଛି। ତେବେ ଅଦ୍ୟାବଧି କାହା ନାଁରେ ମୋହର ବାଜିନି। ଆକାଂକ୍ଷା ଜଣେ ମଡେଲ ଓ କନ୍ନଡ଼ ଫିଲ୍ମ ଅଭିନେତ୍ରୀ। ମଡେଲିଂରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୦ ମସିହାରେ ରିଲିଜ୍ ହୋଇଥିବା କନ୍ନଡ଼ ଫିଲ୍ମ ‘ତ୍ରିବିକ୍ରମ’ ଜରିଆରେ ସେ ସିନେ କ୍ୟାରିଅର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ମ୍ୟୁଜିକ୍ ଭିଡିଓ ‘ଡିସ୍କୋ ୮୨’ରେ ମଧ୍ୟ କାମ କରିଥିଲେ। ଏହା ପରେ ଉଭୟଙ୍କ ଡେଟିଂ ଗୁଜବ ଚର୍ଚ୍ଚା ହୋଇଥିଲା। ତେବେ ଉଭୟ ଏ ନେଇ ମୁହଁ ଖୋଲିନଥିଲେ।

# ଶବକୁ ପୋତିବା ବଦଳରେ ଜଙ୍ଗଲରେ ଅବକ୍ଷୟ ହେବାକୁ ଛାଡ଼ନ୍ତି

ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ବାତୁର ହ୍ରଦର ପୂର୍ବ ଉପକୂଳରେ ରହିଛି ତ୍ରୁନ୍ୟାନ୍ ଗାଁ। ସେଠାରେ ପର୍ବତ ପରିବେଷ୍ଟିତ ପରିବେଶରେ ‘ବାଲି ଆଗା’ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହୁଥିବା ଏହି ଲୋକମାନେ ସେମାନଙ୍କର ଐତିହ୍ୟର ଅନେକ ଉପାଦାନ ସଂରକ୍ଷିତ କରି ରଖିଛନ୍ତି। ସେଥି ମଧ୍ୟରେ ରହିଛି ସେମାନଙ୍କର ଶବ ସତ୍କାରର ବିଚିତ୍ର ପରମ୍ପରା। ସେମାନେ ଶବଗୁଡ଼ିକୁ କବର ଦେବା କି ଦାହ କରିବା ପରିବର୍ତେ ଜଙ୍ଗଲ ଭିତରେ ପ୍ରାକୃତିକ ଭାବେ ଅବକ୍ଷୟ ହେବାକୁ ଛାଡ଼ିଦିଅନ୍ତି। ଅବଶ୍ୟ ଶାଗୁଣା, କାଉ ଓ ଚିଲମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ ବାଲି ଆଗା ଲୋକମାନେ ଶବକୁ ବାଉଁଶ ତାଟି ଦ୍ୱାରା ଘୋଡ଼ାଇ ରଖିଥା’ନ୍ତି। ଦେହରୁ ମାଂସ ଶଢ଼ି ଝଡ଼ିଗଲା ପରେ ଖପୁରି ଓ ଅସ୍ଥିଗୁଡ଼ିକୁ ଉଦ୍ଧାର କରି ନୂତନ ଜୀବନ ଆଶାରେ ସେଗୁଡ଼ିକୁ ପଥର ଚଟାଣ ଉପରେ ରଖାଯାଏ। ଏହି ସମ୍ପ୍ରଦାୟର ଶବସତ୍କାର ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ଶବରୁ ପଚାଶଢ଼ା ଗନ୍ଧ ବାହାରୁନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥା’ନ୍ତି। ଏହା ପଛରେ ରହିଛି ନିକଟରେ ଥିବା ଏକ ପ୍ରକାର ବଟବୃକ୍ଷ ଯାହାକୁ ସେମାନେ ‘ମେନ୍ୟାନ୍ ତରୁ’ ବା ସୁଗନ୍ଧି ବୃକ୍ଷ କହିଥା’ନ୍ତି। ଏହି ଗଛର ସୁବାସ ଶବର ଦୁର୍ଗନ୍ଧକୁ ଦୂର କରିଦେଇଥାଏ। ଉକ୍ତ ଗାଁରେ ସେପରି ତିନିଟି ଶବସତ୍କାର ସ୍ଥଳ ରହିଛି। ଶିଶୁ, ଦୁର୍ଘଟଣାରେ ମୃତ ଓ ଆତ୍ମହତ୍ୟା କରିଥିବା ଲୋକଙ୍କ ପାଇଁ ସେଠାରେ ସ୍ଥାନ ମିଳିନଥାଏ। ପ୍ରତି ଶବସତ୍କାର ସ୍ଥଳରେ ଏଗାରଟି ଲେଖାଏଁ ବାଉଁଶ ତାଟି ଓ ତାଳ ବାହୁଙ୍ଗା ଘେରା ଗମ୍ବୁଜ ରହିଥାଏ।




# ଆଗ୍ରିଆ ମହୋତ୍ସବ ଉପଲକ୍ଷେ ରକ୍ତଦାନ ଶିବିର, ରକ୍ତ ଦିଅନ୍ତୁ ଅନ୍ୟ ର ଜୀବନ ବଞ୍ଚାନ୍ତୁ

ବେତନଟୀ,(ପି.ଏନ) : ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ଠାରେ ବୀଣାପାଣି ଯୁବକ ସଂଘ ଦ୍ୱାରା ଆୟୋଜିତ ୨୨ ତମ ଆଗ୍ରିଆ ମହୋତ୍ସବ ୨୦୨୫ ଉପଲକ୍ଷେ 'ସମ୍ବାଦ ଆମ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ! ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ? ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଆଗ୍ରିଆ ସରପଞ୍ଚ ମିନତୀ ସିଂ ଯୋଗ ଦେଇ ଉଦଘାଟନ କରି ନିଜ ବକ୍ତବ୍ୟରେ ରକ୍ତ ଦିଅନ୍ତୁ ଅନ୍ୟ ର ଜୀବନ ବଞ୍ଚାନ୍ତୁ ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ଭାବରେ କ୍ଲବ ର ଉପଦେଷ୍ଟା ରବିନ୍ଦ୍ର କୁମାର ମହାନ୍ତି, କ୍ଲବ ର ସଭାପତି ଶିବନାରାୟଣ ଘୋଷ, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ବେତନଟୀ ବ୍ଲକ




ସାମ୍ବାଦିକ ସଂଘ ର ଉପ ସଭାପତି ଗତିକୃଷ୍ଣ ମହାନ୍ତ , ଯୁବ ନେତା ବିକାଶ ଦାସ, ସଂଜୀବ ଜେନା ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ବୀଣାପାଣି ଯୁବକ ସଂଘ ର ଏହି ପ୍ରୟାସ କୁ ପ୍ରଶଂସା କରିଥିଲେ । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ନିଲେସ ଦାସ, ଷ୍ଟାଫ୍ ?ନର୍ସ ରୁଚିକା ଖୁରାନା, ସୁକୁଲ ହେମ୍ବ୍ରମ, କେ.କେ ଜେନା, ସକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରମୋଦ ନାୟକ,ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ,ରଞ୍ଜିତ ବାରିକ୍, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା,ବିରୋକିଶୋର ବିଶ୍ୱାଳ, ଦିଲ୍ଲିପ ମହାନ୍ତି, ରାକେଶ ମହାନ୍ତ,କେଶବ ନାଥ, ଶୁଶାନ୍ତ ପରିଡ଼ା,ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ଶୁଶାନ୍ତ ଭାଇ, ପ୍ରକାଶ ଜ୍ୟୋତି ପ୍ରଧାନ, ଶୁଶାନ୍ତ ବାରିକ୍, ବିଶ୍ୱଜିତ ପରିଡା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା,ବିକ୍ରମ ନାଥ, ସରୋଜ ଦେହୁରୀ,ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ୍ ଜେନା,ବିଜୟ ଜେନା, ଶୁଭମ୍ ନାୟକ, ନରେନ୍ଦ୍ର ପରିଡ଼ା,ମନୋରଞ୍ଜନ ରାଉତ, ପ୍ରଦୀପ ଜେନା,ଜିତେଶ ନାୟକ,ଧିରୋଜ ସାହାଣୀ, ଅଜିତ ବେହେରା, ଭବାନୀ ଶଙ୍କର ପରିଡା,ସତ୍ୟପ୍ରିୟ ପ୍ରଧାନ,ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ କ୍ଲବ ର ସମ୍ପାଦକ ଜୀବନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶ ମଞ୍ଚର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ

ବେତନଟୀ,(ପି.ଏନ): ସ୍ଥାନୀୟ ଡାକବଙ୍ଗଳା ପରିସରରେ ବେତନଟୀ ବଡସାହି,ମୋରଡା ଓ ରାସଗୋବିନ୍ଦପୁର ବ୍ଲକ୍ ?କୁ ନେଇ ୨୦୧୯ ମସିହାରୁ ଗଠିତ' ବିକାଶ ମଞ୍ଚ'ର ୬ଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ପବିତ୍ର ସାଧାରଣତନ୍ତ୍ର ଦିବସର ଅପରାହ୍ଣରେ ଅନୁଷ୍ଠିତ ଉକ୍ତ ସଭାରେ ମନୋରଂଜନ ବଳ ଅଧକ୍ଷତା କରିଥିଲେ ।ମଞ୍ଚର ସଂଯୋଜକ ଅରୁଣ କୁମାର ଓତା ଗତ ବୈଠକର ବିବରଣୀ ପଠନ ଓ କାର୍ଯ୍ୟକ୍ରମର ସମୀକ୍ଷା ଉପସ୍ଥାପନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଉପ ଜିଲ୍ଲାପାଳ ଡଃ ରଜନୀକାନ୍ତ ବିଶ୍ୱାଳ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ ସହ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ ।ଆଲୋଚନାରେ ବିକାଶ ମଞ୍ଚର ସଦସ୍ୟ ମାନଙ୍କ ମଧ୍ୟରୁ ଡଃ ରମାକାନ୍ତ ସିଂହ,ସୁବୋଧ କୁମାର ଦଣ୍ଡପାଟ,ରାଜେନ୍ଦ୍ର କୁମାର ଜେନା,ସଚ୍ଚିଦାନନ୍ଦ ମହାନ୍ତି, ମାଧବୀ ସେନାପତି, ଜୟକିଶୋର ପାଣି, ଅର୍ଜୁନ ପାଣି, ଅର୍ଜୁନପାତ୍ର, ବିମଳେନ୍ଦୁ ମହାପାତ୍ର,ସଞ୍ଜୟ କୁମାର ମିଶ୍ର,ସନ୍ତୋଷ କୁମାର ଖଣ୍ଡା, ରବିନ୍ଦ୍ରନାଥମିଶ୍ର, ରତ୍ନାକର ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ବେତନଟୀ ସବ ଡିଭିଜନ ଗଠନକୁ ଗୁରୁତ୍ୱ ଦେଇ ପୁଣିଥରେ



ଦାବିପତ୍ର ଉପସ୍ଥାପନ,ହରିପୁର ଓ ସାନକେରକେ ।ରେ ପୋଲିସ ଫାଣ୍ଡି ପ୍ରତିଷ୍ଠା,ନୀଳଗିରି- ବେତନଟୀ ଭାୟା- କପ୍ତିପଦା ଉଦଳା ଖୁଣ୍ଟା, ବଡ଼ସାହି ଦେଇରେଳ ସଂଯୋଗ ଏବଂ କୀର୍ତ୍ତନିଆରୁ ବାଲିଆପାଳ ବସ୍ତା, ନୂଆଗାଁ ହୋଇ ବେତନଟୀକୁ ରେଳ ସଂଯୋଗ, ୧୮ନଂ ଜାତୀୟରାଜପଥ ଦାନ୍ତିଆ ମୁହାଁ ଠାରେ ଗଳାପୋଳ ନିର୍ମାଣ,ବଡସାହିରେ ସବ ଟ୍ରେଜେରୀ ପ୍ରତିଷ୍ଠା, ବୈଶିଙ୍ଗା ଓ ସାନକେରକଠାରେ ନୂତନ ବ୍ଲକ୍ ପ୍ରତିଷ୍ଠା,ବେତନଟୀ ଠାରେ ଉଡନ୍ତା ପୋଲ ନିର୍ମାଣ, ବେତନଟୀ ଡାକ୍ତରଖାନାରେ ଟ୍ରମାସେଣ୍ଟର ପ୍ରତିଷ୍ଠା ଆଦି ଦାବିର ପୁନରାବୃତ୍ତି କରାଯାଇଥିଲା ।ଏତଦ୍ ବ୍ୟତୀତ ବୈଶିଙ୍ଗା ଠାରେ କୃଷି ବିଜ୍ଞାନ କେନ୍ଦ୍ର ଏବଂ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏ ଦିଗରେ ବିହିତ ପଦକ୍ଷେପ ନ ନେବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ପରବର୍ତ୍ତୀ ବୈଠକ ମୋରଡା ବ୍ଲକ୍ ର ଚିତ୍ରଡାଠାରେ ଅନୁଷ୍ଠିତ ହେବାର ମତ ପ୍ରକାଶ ପାଇଥିଲା । ଏଥିପୂର୍ବରୁ ଚାରିଗୋଟି ବ୍ଲକ୍ ରୁ ୧୨ଜଣଙ୍କୁ ନେଇ ଗଠିତ ହୋଇଥିବା କୋର କମିଟିର ବୈଠକ ଯଥାଶିଘ୍ର କରାଯିବାର ସ୍ଥିର କରାଗଲା ।ଶେଷରେ ଦେବରାଜ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଷ୍ଟଦିବସୀୟ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ବେତନଟୀ.(ପି.ଏନ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବେତନଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଷ୍ଟ ଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ବେତନଟୀ ମହାବିଦ୍ୟାଳୟର ଅଧକ୍ଷ ମନରଞ୍ଜନ ମହାନ୍ତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଂଯୁକ୍ତା ଜୀ, ଉଦ୍ଭିଦ ବିଜ୍ଞାନର ବିଭାଗର ମୁଖ୍ୟ ଦେବିଦତ୍ତ ପଣ୍ଡା, ମନସ୍ତତ୍ୱ ବିଭାଗର ମୁଖ୍ୟ କଳ୍ପଲତା ବେହେରା ଅର୍ଥନୀତି ବିଭାଗର କରିସ୍ମା ରଣା, ବାଣିଜ୍ୟ ବିଭାଗର ମନୀଷା ରାଣୀ ଅଗ୍ରୱାଲ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଭାଗ୍ୟପ୍ରିୟା ମାଝୀ, ପ୍ରମୁଖ ମଞ୍ଚାସୀନ ଥିଲେ କ୍ଷ ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା ସହିତ ଗୀତଗୋବିନ୍ଦ ଏବଂ ସ୍ୱାଗତ ସଙ୍ଗୀତରେ ନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିତା ଭାବେ ନମିତା ନାଏକ ଏବଂ ସରୋଜିନୀ ସିଂ ଯୋଗ ଦେଇ ୧୬୮ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ କ୍ଷ ଉଦଯାପନୀ ସମାରୋହ କାର୍ଯ୍ୟକ୍ରମରେ ସଂଯୋଜିକା କଳ୍ପଲତା ବେହେରା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ।ଛାତ୍ରୀମାନଙ୍କର ଶାରୀରିକ, ମାନସିକ ତଥା ଆଧାତ୍ମିକ ବିକାଶ ଆତ୍ମସୁରକ୍ଷା ତାଲିମ ମାଧ୍ୟମରେ ସଂରକ୍ଷିତ ହୋଇପାରିବ ବୋଲି ଅଧକ୍ଷ ମାନେ ମତ ପ୍ରଦାନ କରିଥିଲେ କ୍ଷ ଏହି ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ଜାଗ୍ରତ ହେବ ବୋଲି ମୁଖ୍ୟ ଅତିଥି ସଂଯୁକ୍ତା ଜୀ ମତ ପ୍ରଦାନ କରିଥିଲେ କ୍ଷ ଆଜିର ସମାଜରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ




ରହିଛି ଏବଂ ନିଜର ସୁରକ୍ଷା ପାଇଁ ନିଜେ ସକ୍ଷମ ହେବା ଜରୁରୀ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଅଧ୍ୟାପିକା କଳ୍ପଲତା ବେହେରା ମଞ୍ଚ ପରିଚାଳନା କରିବା ବେଳେ ଅଧ୍ୟାପିକା ଭାଗ୍ୟପ୍ରିୟା ମାଝୀ ଅନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ ।

# ଅର୍ପଣ ମୋଟର୍ସ ପକ୍ଷରୁ ଲଟେରୀ ଉଠାଣରେ ୬ ଜଣ ଲକି ବିଜେତା

ବେତନଟୀ,(ପି.ଏନ): ବେତନଟୀ ହାଟଛକସ୍ଥିତ ଅର୍ପଣ ମୋଟର୍ସ ପକ୍ଷରୁ ଗତ ୩ ମାସ ଠାରୁ ଲଟେରୀ ଖେଳ ଆରମ୍ଭ କରାଯାଇଥିଲା କ୍ଷ ଏହି ୩ମାସ ମଧ୍ୟରେ ଗାଡି କିଣି ଥିବା ୭୨ଜଣଙ୍କୁ ଏହି ଲଟେରୀ କୁପନ ପ୍ରଦାନ କରାଯାଇଥିଲା କ୍ଷ ଆଜି ଅର୍ପଣ ମୋଟର୍ସର ମାଲିକ ରାଧେଶ୍ୟାମ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଲଟେରୀ କୁପନ ଗୁଡିକର ଲକି ଡ୍ର ଖେଳ କରାଯାଇଥିଲା କ୍ଷ ଏହି ଲଟେରୀ କୁପନ କୁ ଉଠାଇବା ନିମନ୍ତେ ବେତନଟୀ ଗରୁଡ଼ବସା ପରିବର୍ତ୍ତନ ଅନ୍ଧ ମୁକ ବଧିର ସ୍କୁଲର ଜଣେ ପିଲାକୁ ସମ୍ମାନର ସହ ଅଣାଯାଇଥିଲା କ୍ଷ ଏହି ଲଟେରୀ କୁପନ ଉଠାଣରେ ୬ଜଣ ଲକି ବିଜେତା ହୋଇଥିଲେ କ୍ଷ ଏହି ବିଜେତାମାନଙ୍କୁ ପୁରସ୍କାର ବିତରଣ ପାଇଁ ବେତନଟୀ ଥାନା ସବ ଇନିସ୍ପେକ୍ଟର ନିରଞ୍ଜନ ସେଠୀ ଯୋଗ ଦେଇ ପୁରସ୍କୃତ କରିଥିଲେ କ୍ଷ ଏଥିରେ ପ୍ରଥମ ବିଜେତା ହୋଇଥିବା ତୋଫାନ ଜେନାଙ୍କୁ ବଡ ଏଲ ଇ ଡି ଟିଭି, ଦ୍ୱିତୀୟ ପୁରସ୍କାର ଭାବେ ଅଜୟ ମହାନ୍ତଙ୍କୁ ଏକ ବଡ ଫ୍ରିଜ, ତୃତୀୟ ପୁରସ୍କାର ଭାବେ ବିଜୟ ରାଉତଙ୍କୁ ଛୋଟ ଏଲ ଇ ଡି ଟିଭି, ଚତୁର୍ଥ ପୁରସ୍କାର ଭାବେ ଶୁଭମ ସାମଲଙ୍କୁ ଛୋଟ ଫ୍ରିଜ, ପଞ୍ଚମ ପୁରସ୍କାର ଭାବେ ମଙ୍ଗଲୁ ଦେହୁରୀଙ୍କୁ ମାଇକ୍ରୋ ଅଭେନ , ଷଷ୍ଠ ପୁରସ୍କାର ଭାବେ ସରୋଜିନୀ ବେହେରାଙ୍କୁ ବାଥରୁମ ଗିଜର ଉପହାର ପ୍ରଦାନ



କରାଯାଇଥିଲା । ଅର୍ପଣ ମୋଟର୍ସ ପକ୍ଷରୁ ଧର୍ମେନ୍ଦ୍ର ମହାନ୍ତ, ସର୍ବେଶ୍ୱର ଦାସ, ନରେନ୍ଦ୍ର ପରିଡା, ଲିପୁ ଗନ୍ତାୟତ, ପ୍ରକାଶ ମହାନ୍ତ, ପ୍ରକାଶ ନାୟକ, ଖଗେନ୍ଦ୍ର ମହାନ୍ତ, ଚନ୍ଦନ ଦାସ, ଭରତ ନାୟକ, ବାପି ମହାନ୍ତ, ଭିକୁ ନାୟକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ ଓ ଏମଏସପି ବାବଦକୁ ପ୍ରାୟ ୯୦୬୯ କୋଟି ଓ ଇନପୁଟ ସହାୟତା ଭାବେ ୩୧୫୪ କୋଟି ପ୍ରଦାନ

ଭୁବନେଶ୍ୱର, (ପି.ଏନ): ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସଫଳ ହେବାରେ ଲାଗିଛି । ସରକାରୀ ବ୍ୟବସ୍ଥାରେ ସାମିଲ ହୋଇ ପଞ୍ଜିକୃତ ଚାଷୀ ମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ ଚାଷୀ ମାନେ ଅଧିକ ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି । ସେହିଭଳି ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ମଧ୍ୟ ଚାଷୀ ମାନଙ୍କ ମନରେ ଖୁସି ଭରି ଦେଉଛି । ଏହି ମର୍ମରେ ରାଜ୍ୟର ୩୦ଟି ଯାକ ଜିଲ୍ଲାରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକି ସାରିଲେଣି । ଚଳିତ ଖରିଫ ଋତୁରେ ପଞ୍ଜିକୃତ ୫୦ ପ୍ରତିଶତରୁ ଅଧିକ ଚାଷୀ ମାନେ ସେମାନଙ୍କ ଧାନ ବିକ୍ରି କରିସାରିଛନ୍ତି । ସୂଚନା ଯୋଗ୍ୟ, ଅଦ୍ୟାବଧି ରାଜ୍ୟର ୩୦ଟି ଯାକ ଜିଲ୍ଲାର ପ୍ରାୟ ୯ ଲକ୍ଷ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିସାରିଛନ୍ତି । ଧାନ କ୍ରୟ ପରେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୯୦୬୯ କୋଟି ଟଙ୍କା ଏବଂ ଇନ୍ ?ପୁଟ ସହାୟତା ଭାବେ ୩୧୫୪ କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯାଇଛି । ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୦ ପ୍ରତିଶତ ହାସଲ କରାଯାଇଥିବାବେଳେ ଆଉ ଅଳ୍ପ ଦିନ ମଧ୍ୟରେ ଏହି ଜିଲ୍ଲା ଗୁଡିକରେ ଧାନକିଣା ପ୍ରକ୍ରିୟା ଶେଷ ହେବ । ସେହିଭଳି ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଧାନକିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ସମ୍ପୃକ୍ତ ଅଂଶୀଦାର ଏବଂ ଅନ୍ୟ ସଂପୃକ୍ତ ହିତାଧିକାରୀଙ୍କ ସହଯୋଗ ଓ ସମନ୍ୱୟ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ସେହିଭଳି ଧାନର ପ୍ରକ୍ରିୟାକରଣ ପାଇଁ ମିଲ ଗୁଡିକୁ ଧାନ ନେବା ଆରମ୍ଭ ହୋଇଛି ।ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍ ?ପୁଟ ସହାୟତା ରାଶି ପ୍ରଦାନ କରାଯାଉଛି । ସାରା ରାଜ୍ୟରେ ଧାନକିଣା ଏବଂ ଧାନ ଯୋଗାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି ।

# ଇଚ୍ଛାପୁର ଠାରେ କୁଲୁତା ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ

କୋମନା,(ପି.ଏନ) : ନୁଆପଡ଼ା ଜିଲ୍ଲା ଅନ୍ତର୍ଗତ ବାବା ବିଶାଶହେ କୁଲୁତା ସମାଜ କୋମନା କେନ୍ଦ୍ରର ଆଜି ୧୨ ଘଣ୍ଟା ସମୟରେ ନୂଆପଡା ଜିଲ୍ଲା କୁଲୁତା ସମାଜର ସଭାପତୀ ସରୋଜ କୁମାର ସାହୁ (ଭୈରବ)ଙ୍କ ଅଧ୍ୟକ୍ଷତାରେ ଇଚ୍ଛାପୁର ସ୍ଥିତ ସୁନ୍ଦର ଜଳସେଚନ ବଙ୍ଗଳା ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତେ ରଣେଶ୍ୱର ରାମଚଣ୍ଡିଙ୍କ ଦର୍ଶନ ଲାଭ କରି କୁଲୁତା ସମାଜର କିପରି ବିକାଶ ହୋଇପାରିବ ତାରି ଉପରେ ସମସ୍ତେ ମତବ୍ୟକ୍ତ କରିଥିଲେ । ପରେ କୋମନା କେନ୍ଦ୍ରର ନୂତନ କାର୍ଯ୍ୟ କର୍ତ୍ତା ଚୟନ ପାଇଁ ସର୍ବସମ୍ମତି କ୍ରମେ ଆଲୋଚନା ପରେ



ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ନୂତନ କର୍ମକର୍ତ୍ତା ଚୟନରେ କେନ୍ଦ୍ର ସଭାପତୀ ଭାବରେ ବୈଷମପାୟନ ସାହୁଙ୍କୁ ଶ୍ରୀବୀରେନ୍ଦ୍ର ପ୍ରଧାନ ପ୍ରସ୍ତାବ ଆଗତ କରିଥିବା ବେଳେ ଶ୍ରୀ ଅନଙ୍ଗ ସାହୁ ସମର୍ଥନ ଜଣାଇଥିଲେ ଓ ସଂପାଦକ ଭାବରେ ନିରଞ୍ଜନ ସାହୁଙ୍କୁ ଅର୍ଜୁନ ନାୟକ ପ୍ରସ୍ତାବ ରଖିଥିବା ବେଳେ ବାବୁଲାଲ ବିଶ୍ୱାଲ ସମର୍ଥନ ଜଣାଇଥିଲେ ।ସେହିପରି ଉପସଭାପତୀ ଭାବରେ ରଞ୍ଜିତ ଭୋଇ ଙ୍କୁ ଫକିର ପ୍ରଧାନ ପ୍ରସ୍ତାବ ରଖିଥିବା ବେଳେ ବିଦ୍ୟାଧର ସ୍ୱାଇଁ ସମର୍ଥନ ଜଣାଇଥିଲେ । କୋଷାଧ୍ୟକ୍ଷ ଭାବରେ ଶ୍ରୀ ଗୌରାଙ୍ଗ ପ୍ରଧାନଙ୍କୁ ଦୁଲ୍ଲଭ ବିଶ୍ୱାଲ ପ୍ରସ୍ତାବ ରଖିଥିବା ବେଳେ ରାଜକିଶୋର ଭୋଇ ସମର୍ଥନ ଜଣାଇଥିଲେ । ତତ୍ ସଙ୍ଗେସଙ୍ଗେ ଯୁଗ୍ମ ସଂପାଦକ ଭାବରେ ଶ୍ରୀ ରମେଶ ପାତ୍ରଙ୍କୁ ଧନୁ ପ୍ରଧାନ ପ୍ରସ୍ତାବ ଆଗତ କରିଥିବାବେଳେ ଅର୍ଜୁନ ସାହୁ ତାଙ୍କୁ ସମର୍ଥନ ଜଣାଇଥିଲେ । ଉପସଭାପତୀ(୨) ଭାବରେ ଅର୍ଜୁନ ନାୟକଙ୍କୁ ବୃନ୍ଦାବନ ପ୍ରଧାନ ପ୍ରସ୍ତାବ ଆଣିଥିବା ବେଳେ ନେହେରୁ ପ୍ରଧାନ ସମର୍ଥନ ଜଣାଇଥିଲେ ।ଏହି ସଭାରେ ଜିଲ୍ଲା ଉପସଭାପତି ଆଶ୍ୱିନି କୁମାର ଭୋଇ, ନୁଆପଡ଼ା କେନ୍ଦ୍ର ସଭାପତି ରଂଜିତ ପ୍ରଧାନ ଓ କୋମନା କେନ୍ଦ୍ରର ପ୍ରତ୍ୟେକ ଗ୍ରାମ ରୁ ସମାଜର ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ଥିଲେ । ଏହି ନୂତନ କମିଟି ଗଠନ ପରେ ଶ୍ରୀବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲ୍ୟ ଶିକ୍ଷାର ଏନ୍ତୁଡ଼ିଶାଳ ସେଣ୍ଟ ଜାଭିୟର୍ସ ପାଣ୍ଡା କବ


କୋମଳମତି ଶିଶୁ ମାନଙ୍କୁ ସରକାରଙ୍କ ନୂତନ ଶିକ୍ଷା ପଦ୍ଧତି ଅନୁଯାୟୀ ଶିକ୍ଷା ପ୍ରଦାନ କରାଯିବ। ନୂତନ ଶିକ୍ଷାନୀତି ୨୦୨୧କୁ ଆଧାର କରି କୁନି କୁନି ପିଲାମାନଙ୍କ ମାନସିକ ସ୍ଥିତିକୁ ପରଖି ଶୈକ୍ଷିକ ପରିବେଶ ସୃଷ୍ଟି ହେବ। ବିଶେଷ କରି ପାରମ୍ପାରିକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ କରି ନୂତନ ମାନଦଣ୍ଡ ଆଧାରରେ ପିଲାଦିନର ଶିକ୍ଷା ପାଇଁ ରୋମାଞ୍ଚଭରା ଯାତ୍ରା ଆରମ୍ଭ କରିବାକୁ ଯାଉଛି ଏହି ପାଣ୍ଡା କବ୍। ସେଣ୍ଟ ଜାଭିୟର୍ସ ସ୍କୁଲ ଦ୍ୱାରା ପରିଚାଳିତ ପାଣ୍ଡା କବ୍ ପାଠଶାଳା ଆଗାମୀ ଦିନରେ ବାଲ୍ୟ ଶିକ୍ଷାର ପାଲଟିବ ଏକ ବୃହତ୍ ଏନ୍ତୁଡ଼ିଶାଳ ବୋଲି ଉଦଘାଟନ ହେବା ଅବସରରେ କହିଛନ୍ତି ଏହାର ଭିଜନାରୀ ପ୍ରତିଷ୍ଠାତା ସମର୍ଥ ମହାନ୍ତି। ଇଞ୍ଜିନିୟର ହେଇଥିଲେ ମଧ୍ୟ ପ୍ରାଥମିକ ଶିକ୍ଷାର ପ୍ରସାର ଦିଗରେ ଏକ ଦୃଷ୍ଟାନ୍ତ ମୂଳକ ପରିବର୍ତ୍ତନ ଆଣିବାକୁ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ନେଇ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ଟି ପାଣ୍ଡା କବ୍ ଖୋଲିବାକୁ ସେ ସମର୍ଥ ହେବେ ବୋଲି କହିଛନ୍ତି। ୩୦ ବର୍ଷରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଏବଂ ସମଗ୍ର ଭାରତରେ ୬୭ ଟି ବିଦ୍ୟାଳୟର ଏକ ଶକ୍ତିଶାଳୀ ନେଟୱାର୍କ ସହିତ ସେଣ୍ଟ୍ ଜାଭିୟର୍ ବର୍ତ୍ତମାନ ପାଣ୍ଡା କବ୍ ମାଧ୍ୟମରେ ଏହାର ପ୍ରସାର କରୁଛି । ପ୍ରାକ୍ ବିଦ୍ୟାଳୟ ଶୃଙ୍ଖଳା ଏକ ସମୃଦ୍ଧ ପରିବେଶ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିବା ଏହି ଶିକ୍ଷାନୁଷ୍ଠାନ ଯାହା କୌତୁହଳ, ସୃଜନଶୀଳତା ଏବଂ ଦୃଢ଼ ମୂଳ ଭିତ୍ତିକ ଶିକ୍ଷଣକୁ ବଢାଇଥାଏ । ଏକାଡେମିକ୍ସ




ବ୍ୟତୀତ, ପାଣ୍ଡା କବ୍ ଷ୍ଟେମ୍, ନୃତ୍ୟ, ସଂଗୀତ ଏବଂ ଭାଷାରେ ସମୃଦ୍ଧ କାର୍ଯ୍ୟକ୍ରମ ପ୍ରଦାନ କରେ ଯାହା ଶିଶୁମାନଙ୍କର ସାମଗ୍ରିକ ବିକାଶକୁ ବୃଦ୍ଧି କରେ ।ଏକ ଆନନ୍ଦଦାୟକ, ଆକର୍ଷଣୀୟ ଏବଂ ଇଣ୍ଟରାକ୍ଟିଭ୍ ଶିକ୍ଷଣ ଅଭିଜ୍ଞତାକୁ ମଧ୍ୟ ଉତ୍ସାହିତ କରେ। ତେବେ ପ୍ରତ୍ୟେକ ଶିଶୁର ଅନ୍ତର୍ନିହିତ ଜ୍ଞାନର ବିକାଶ କରିବା ହେଉଛି ପାଣ୍ଡା କବ୍‌ର ମୂଳ ଲକ୍ଷ୍ୟ ବୋଲି ସେଣ୍ଟ ଜାଭିୟର୍ସ ଗ୍ରୁପ ର ନିର୍ଦ୍ଦେଶକ ଡଃ. ପ୍ରଭୁ ଚରଣ ମହାନ୍ତି କହିଥିଲେ।

# ଶ୍ରୀ ଅନ୍ନ ଅଭିଯାନ ସଚେତନତା ରଥ ଶୁଭାରମ୍ଭ

ତେଲକୋଇ,(ପି.ଏନ) : କୃଷି ଓ କୃଷକ ସଶକ୍ତି କରଣ ବିଭାଗ ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ସଚେତନତା ରଥ ସେବକ ସଂସ୍ଥା ପକ୍ଷରୁ ରବିବାର ଦିନ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ବେଳେ ରଥକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେହିପରି ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୋଳ ଗୋବିନ୍ଦ ବିଶ୍ୱାଳ, ସେବକ ଅନୁଷ୍ଠାନର ବ୍ଲକ ସଂଯୋଜକ ଦିବ୍ୟ ।



ସୋରେନ, ପ୍ରିୟଦର୍ଶୀ ସିଂ, ଜୀବିକା ମିଶନର ଅଧିକାରୀ ହିମାଂଶୁ ନାଏକ ସମେତ ସେବକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସେବକ ଅନୁଷ୍ଠାନ ଦ୍ୱାରା ୧୬ଟି ପଞ୍ଚାୟତରେ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷ କରୁଥିବା ଚାଷୀମାନେ ସଚେତନ ରହି ମାଣ୍ଡିଆ ମଣ୍ଡିରେ ମାଣ୍ଡିଆକୁ ବିକ୍ରୟ କରିବାର ଯୋଜନା ରହିଛି। ଯାହାକି ଜଗମୋହନପୁର ଓ ସିଂକୁଲାବାହଲ ଗ୍ରାମରେ ଆଗାମୀ ଆସନ୍ତା ୨୮ତାରିଖ ମଣ୍ଡି ଉଦଘାଟନ ହେବାର ଲକ୍ଷ୍ୟ ଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀ ମାଣ୍ଡିଆ ବିକ୍ରୟ କରି ବେଶ ଅର୍ଥ ରୋଜଗାର କରିବା କୁହା ଯାଉଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଥୁଟିବର ତୃତୀୟତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ରାୟଗଡ଼ା.(ପି.ଏନ): କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ୨୦୨୪-୨୦୨୫ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ କ୍ରୀଡ଼ା, ସଙ୍ଗୀତ, ନୃତ୍ୟ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନେ ଅତିଥି ମାନଙ୍କ ଠାରୁ ସମ୍ବର୍ଦ୍ଧନା ସହ ପୁରସ୍କୃତ ହୋଇଛନ୍ତି । ଏହି ବିଦ୍ୟାଳୟ ପରିବେଶକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅତି ସୁନ୍ଦର ଭାବେ ସଜେଇ ରଖି ଚଳିତ ବର୍ଷ ତୃତୀୟ ବାର୍ଷିକ ଉତ୍ସବ ପାଳନ କରାଯାଉଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ କୁମାର ପଣ୍ଡା ଙ୍କ



ସଭାପତିତ୍ୱରେ ବାର୍ଷିକ ଉତ୍ସବ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ସରସ୍ୱତୀ ମାଝୀ ରାୟଗଡ଼ା ଜିଲ୍ଲା ଅଧ୍ୟକ୍ଷା, ସମ୍ମାନିତ ଅତିଥି କଣ୍ଟ ମାଝୀ କାଶୀପୁର ବ୍ଲକ ଅଧ୍ୟକ୍ଷ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଶୀପୁର ଅକ୍ଷୟ କୁମାର ସାହୁ, ଗରଖପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବାରିକ୍, ଡ.ଗଣେଶ ମାଳି ସାନମାଟିକଣା ଆଶ୍ରମ ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି ଥୁଟିବର ସଭାପତି ଝିଙ୍ଗୁରୁ ମାଝୀ, ସମାଜ ସେବୀ କାମେଶ୍ୱର ସାହୁ, ବଡ଼ ମାରିଭଟା ପ୍ରଧାନ ଶିକ୍ଷକ ଶିବ ପ୍ରାସାଦ ପଣ୍ଡା, ଥୁଟିବର କଲୋନୀ ସଞ୍ଜୟ ବେହେରା, ମଞ୍ଚାସିନ ହଇଥିବା ବେଳେ ଶ୍ରୀ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଓ ଦିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ ସଫଳ ଛାତ୍ରଛାତ୍ରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିବେ ଏବଂ ପାଠ ସହିତ ସାଠର ଅଧିକ ଆବଶ୍ୟକ ରହିଛି ବୋଲି ପ୍ରତିକ୍ରିୟା ଦେଇଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ କରିବାକୁ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ । କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ସାଠିପିକେଟ୍ ସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିବରଣୀ ପାଠ ଉକ୍ତ ବିଦ୍ୟାଳୟ ର ଶ୍ରୀ ପଣ୍ଡା କରିଥିବା ବେଳେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ଦେଇ ସମ୍ବର୍ଦ୍ଧନା ପାଇଁ ପ୍ରଶାନ୍ତ ଦାସ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତି କୁମାରୀ ବେହେରା , ନମିତା ସେଠି, ରାଜଶ୍ରୀ ମହାରଣା, ଆଶିଷ ନିମାଲ, ସୋଲ ମାଝୀ, ସରିତା ବାଗ୍, ରବିନା ମାଝୀ, ସୁନିତା ମାଝୀ, କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିବା ବେଳେ ମଞ୍ଚ ପରିଚାଳନା ଦାୟିତ୍ୱ ରେ ସୁନୀତା ନାୟକ ରହି ଅତି ସୁନ୍ଦର ଭାବେ ଦାୟିତ୍ୱ ତୁଲାଇଥିଲେ ଶେଷରେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଣ୍ଡା ମଞ୍ଚରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଶିକ୍ଷକ,ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୂଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି..

ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୂଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ଼ିତ ମଧ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୂତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟ୍ରେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ ।



ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ ି କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସ ୍ୱ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ବିଷୟ-ୱାର୍ଡ଼ ନଂ ୩୮ରେ କରୋନା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପିଏନ)-ନୟାପଲ୍ଲୀ ୱାର୍ଡ଼ ନଂ ୩୮ ର ବାଲିତୋଟାସାହି ବସ୍ତିରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ ୩୮ର ପୂର୍ବତନ କର୍ପୋରେଟର୍ ନିଖିଳ କୁମାର ବଳବନ୍ତରାୟ, ଡେପୁଟୀ ସେକ୍ରେଟେରୀ ସ୍ୱୋଟସ୍ ସିଳେନ୍ଦ୍ର କୁମାର ଜେନା, ଜେ.ଡି.ସି.ଓ ପ୍ରତାପ ପ...ନାୟକ, ୱାର୍ଡ଼ ଅଫିସର ନିଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର୍ ନିବେଦିତା ଦାସ୍, ସାନିଟାରୀ ଇନସ୍ପେଟରର ସୁନିଲ କୁମାର ସାହୁ ଓ ୱାର୍ଡ଼ର ସମସ୍ତ ସୁପରଭାଇଜର ଉପସ୍ଥିତ ରହି ଜନସାଧାରଣ କିପରିଭାବେ କରୋନାରୁ ବିତ ହେବେ ସେ ବାବଦରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତାର ର୍ବା ବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ନଂ-୩୮ର ବାଲିତୋଟାସାହି ବସ୍ତିର ଅନେକ ମହିଳା ଓ ଯୁବବନ୍ଧୁମାନେ ଉପସ୍ଥିତ ଥିଲେ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି । ତାଙ୍କର କର୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

## ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତ୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍‌ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି । ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ । ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପ ାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି । ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ପୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‍ୟାକେଡ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday April 19 | ଭୁବନେଶ୍ୱର ଶନିବାର, ୧୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମ ପୁରସ୍କାର ୨୦୨୫




ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ଗୁରୁଦେବ କାଳୀଚରଣ ବ୍ରହ୍ମ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଆଜି ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶିକ୍ଷା ଏବଂ ସାମାଜିକ ସଶକ୍ତିକରଣ ଜରିଆରେ ସମାଜ ପ୍ରତି ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆସାମରେ 'ମେଚ୍ ଗାନ୍ଧୀ' ଭାବେ ପରିଚିତ ବୋଡ଼ ? ସଂପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧ୍ୟାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଦେଇଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଏହି ଆଧ୍ୟାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଶ୍ରୀ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବୋଡୋଲ୍ୟାଣ୍ଡର ସମ୍ମାନଜନକ ସମ୍ମାନ ହୋଇଥିବା ବେଳେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଗୁରୁଦେବ କାଳୀଚରଣ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ସାମାଜିକ ସଂସ୍କାର ଏବଂ ଅହିଂସାର ମୂଲ୍ୟବୋଧକୁ ବଜାୟ ରଖିବା। ସମ୍ମାନ ବାବଦରେ ଶ୍ରୀ ସାମନ୍ତଙ୍କୁ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତ ଏହି ପୁରସ୍କାର ରାଶିକୁ ଉକ୍ତ ଟ୍ରଷ୍ଟର ଉନ୍ନତିକରଣ ଲାଗି ଦାନ କରିଦେଇଥିଲେ। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ ଶିକ୍ଷା ଜରିଆରେ ସମାଜକୁ ସଶକ୍ତ କରିବା ଦିଗରେ ତାଙ୍କର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଜିତ ବୋରୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଗଜପତିର ବିରିକୋଟକୁ ନୂତନ ବ୍ଲକ ଗଠନ ଦାବି ଜୋର ଧରିଲା



ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାର ବିରିକୋଟକୁ ନୂତନ ବ୍ଲକ ଗଠନ କରିବା ଲାଗି ଦାବି ଜୋରଦାର ହୋଇଛି. ବିରିକୋଟ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଏନେଇ ଗୁରୁବାର ମୋହନା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୋହନା ବ୍ଲକରେ ୩୯ଟି ପଞ୍ଚାୟତ ରହିଛି। ସେଥିରୁ ଅଡବା ଜୋନରେ ଥିବା ୧୦ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। କାରଣ ଦୁର୍ଗମ ଅଞ୍ଚଳରେ ଥିବା ଲୋକେ ଶିକ୍ଷା, ସ୍ୱାସ୍ଥ୍ୟସେବା, ବଜାର ସଉଦା ସହ ବିଭିନ୍ନ କାର୍ଯ୍ୟାଳୟକୁ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ବିରିକୋଟ ଠାରେ ଏହି ନୂତନ ବ୍ଲକ ସ୍ଥାପନ କଲେ ଜନସାଧାରଣ ସମସ୍ତ ସୁବିଧା ପାଇପାରିବେ ବୋଲି ଅଞ୍ଚଳବାସୀ ପ୍ରଶାସନକୁ ଦାବି ଜଣାଇଛନ୍ତି.

## ବିଜୁ ପଟ୍ଟନାୟକ ଫାଉଣ୍ଡେସନ ତରଫରୁ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ବିଜୁ ପଟ୍ଟନାୟକ ଫାଉଣ୍ଡେସନ୍ ତରଫରୁ ଟ୍ରଷ୍ଟି ଶ୍ରୀ ଶକ୍ତି ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଜ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧଦିବସ ଆଜି ବିଜୁ ପଟ୍ଟନାୟକ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟାଳୟ, କ୍ୱାର୍ଟର ନଂ- ଆଇ.ଭି.ଆର.୨୦/୧, ୟୁନିଟ୍-୨, ଭୁବନେଶ୍ୱରଠାରେ ସନ୍ଧ୍ୟା ୭ ଘଟିକା ସମୟରେ ପାଳନ କରାଯାଇଅଛି । ଉକ୍ତ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଶ୍ରୀରାମ ଦାଶ, ଗିରିଜା ଶଙ୍କର ଦାସ, ପ୍ରମୋଦ ସାମନ୍ତରାୟ, ବିଶିଷ୍ଟ ସ୍ତମ୍ଭକାର ଡ. ସିଦ୍ଧାର୍ଥ କାନୁନ୍‌ଗୋ, ସମାଜସେବୀ ମଳୟ କୁମାର ରାଉତ, କ୍ଷେତ୍ରମୋହନ ଦାସ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଅତୀତ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ । ସେମାନଙ୍କ ମତରେ ବିଜୁ ପଟ୍ଟନାୟକ ଜଣେ ସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ତୁଙ୍ଗ ରାଜନେତା, ଉତ୍କଳର ନବ ନିର୍ମାତା, ଦକ୍ଷ ଓ ଅଙ୍ଗୀକାରବଦ୍ଧ ପ୍ରଶାସକ ଥିଲେ । ତାଙ୍କ ସମୟରେ ପାରାଦ୍ୱୀପ ବନ୍ଦରର ବିକାଶ ଓ ଜାତୀୟ ରାଜପଥ, ସୁନାବେଡାର ମିଗ୍ କାରଖାନା, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ ଏହିଭଳି ଅନେକ ବିକାଶମୂଳକ କାର୍ଯ୍ୟ ହୋଇଥିଲା । ମୋଟ୍ ଉପରେ ତାଙ୍କର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସମୟରେ ଯେଉଁ ପ୍ରଗତି ମୂଳକ କାର୍ଯ୍ୟ ହୋଇଥିଲା ତାହା ଚିରସ୍ମରଣୀୟ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଶ୍ରୀରାମ ଦାଶ ତାଙ୍କର କାର୍ଯ୍ୟ କରିବା କଥା କରିବାର ଶୈଳୀକୁ ଅତ୍ୟନ୍ତ ମର୍ମସ୍ପର୍ଶ ଭାବରେ ପ୍ରକାଶ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ସତ୍ୟ ପ୍ରକାଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇ ଗଜପତି ଜିଲ୍ଲାପାଳ ନିଜର ମାନବିକତାର ପରିଚୟ ଦେଲେ



ପାରଳାଖେମୁଣ୍ଡି,(ପି.ଏନ): ଦୁର୍ଘଟଣାଗ୍ରସ୍ତ ଜଣେ ବାଇକ ଚାଳକଙ୍କୁ ନିଜ ଗାଡିରେ ନେଇ ହସ୍ପିଟାଲରେ ଭର୍ତ୍ତି କରିବା ସହ ତାଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ସୁବିଧା ଯୋଗାଇଛନ୍ତି ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ. ଜିଲ୍ଲାପାଳଙ୍କ ଏଭଳି ମାନବିକତା ଯୋଗୁଁ ସାଧାରଣରେ ଜିଲ୍ଲାପାଳଙ୍କୁ ବେଶ ପ୍ରଂଶସା କରାଯାଇଛି. ଘଟଣାରୁ ପ୍ରକାଶ, ଗୁରୁବାର ଦିନ ଜିଲ୍ଲାପାଳ ବିଜୟ କୁମାର ଦାଶ କୌଣସି କାମରେ ଯାଉଥିବା ବେଳେ ପାରଳାଖେମୁଣ୍ଡି ଉପକାରାଗାର ସମ୍ମୁଖରେ ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଛଟପଟ ହେଉଥ ?ବା ଦେଖିବାକୁ ପାଇଥିଲେ । ସେ ତୁରନ୍ତ ସେଠାରେ ପହଞ୍ଚି ଡ୍ରାଇଭର ଓ ସୁରକ୍ଷା କର୍ମୀଙ୍କ ସହାୟତାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସ ?ହ ନିଜ ଗାଡିରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ତୁରନ୍ତ ଆହତଙ୍କ ଚିକିତ୍ସା କରାଇଥିଲେ। ଦୁର୍ଘଟଣାରେ ଆହତ ବ୍ୟକ୍ତି ସ୍ଥାନୀୟ ଆଇସିଆଇ ବ୍ୟାଙ୍କର କର୍ମଚାରୀ ବୋଲି ଜଣାପଡିଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡ଼ାକ୍ତରଖାନା ପକ୍ଷରୁ କୁହାଯାଇଛି। ଏହି ଘଟଣା ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ମାନବିକତାର ଏକ ଉଦାହରଣ ଭାବରେ ଦେଖାଯାଉଛି । ଜିଲ୍ଲାପାଳଙ୍କ ମାନବିକତା ଓ ଆଦର୍ଶ ଯାହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ୪୨ ମୌଜାରେ ପ୍ରସ୍ତାବିତ ଦମକଳ କେନ୍ଦ୍ର ଖୋଲାଯିବାରେ ବିଳମ୍ବ

ଫୁଲନଖରା,(ପି.ଏନ) : ୪୨ମୌଜା ଅଞ୍ଚଳବାସୀଙ୍କ ପକ୍ଷରୁ ତଥା ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଗତ ୨୩ ମେ ୨୦୨୩ରେ ବେଣ୍ଟକାର ଗ୍ରାମ ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣରେ ୪୨ମୌଜାରେ ଦମକଳ କେନ୍ଦ୍ର ଖୋଲାଯିବା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଟକ ସହରରୁ ୪୨ମୌଜାକୁ ସଂଯୋଗ ହୋଇଥିବା ବ୍ରିଜକୁ ମିଶାଇ ସର୍ବମୋଟ ଚାରିଗୋଟି ବ୍ରିଜ୍ ଚତୁର୍ପାଶ୍ୱକୁ ସଂଯୋଗ ହୋଇଅଛି । ୪୨ ମୌଜାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ହେଲେ ୪୨ ମୌଜାର ୬ ଗୋଟି ପଞ୍ଚାୟତର ୫୦ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଉପକୃତ ହେବାସହ ଚାରି ଗୋଟି ବ୍ରିଜ ଥିବାରୁ ଚତଃପାଶ୍ୱର୍ରେ ଥିବା ଅଞ୍ଚଳବାସୀ ବିଶେଷ ଉପକୃତ ହେବେବୋଲି ଉପସ୍ଥିତ ଅଧିକାରୀ ମାନେ ହୃଦୟଙ୍ଗମ କରିଥିଲେ। ବୈଠକରେ କଟକ ଜିଲ୍ଲା ଉପ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର, ଚାଉଳିଆଗଞ୍ଜ ଦମକଳ କେନ୍ଦ୍ର ଅଧିକାରୀ ବିକାଶ ଚନ୍ଦ୍ର ସାହୁଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଛଅ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା,ଛଅ ଗୋଟି ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ, ସମାଜସେବୀ,ବିଭିନ୍ନ ସାମାଜିକ ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଓ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ଦମକଳ କେନ୍ଦ୍ର ସ୍ଥାନ ନିରୂପଣ ପାଇଁ ବିଭିନ୍ନ କ୍ଷେତ୍ର ପରିଦର୍ଶନ ପରେ ବେଣ୍ଟକାର ଛକର ନିକଟରେ ପ୍ରସ୍ତାବିତ ଦମକଳ କେନ୍ଦ୍ରପାଇଁ ଆବଶ୍ୟକୀୟ ସଂରକ୍ଷିତ ଭିତ୍ତିଭୂମି ଥିବା ସ୍ଥାନକୁ ବିଭାଗୀୟ ଅଧିକାରୀ ମାନେ ବିହିତ ତନଖି କରିବା ପରେ ସନ୍ତୋଷ ପ୍ରକାଶ କରି ଚିହ୍ନଟ କରିଥିଲେ। ତଦନ୍ତ ସମୟରେ ୪୨ମୌଜା ଥାନା ଅଧିକାରୀଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ୪୨ ମୌଜା ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ଦମକଳ କେନ୍ଦ୍ର ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ରହ୍ମପୁର ସରପଞ୍ଚ ରବି ନାରାୟଣ ପ୍ରଧାନ,ଦଧିବାମନପୁର ସରପଞ୍ଚ ସୁମିତ୍ରା ଗୋଚ୍ଛାୟତ, ବେଣ୍ଟକାର ସରପଞ୍ଚ ଶିବ ଶଙ୍କର ମଲ୍ଲିକ,ଝାରକଟା ସରପଞ୍ଚ ଶିଶିର ରାଉତ,କଳପଡ଼ା ସରପଞ୍ଚ ସବିତା ମାଝୀ,କୁଳସରିଚୁଆଁ ସରପଞ୍ଚ ବନମାଳି ବିହାରୀ,୬ ନମ୍ବର୍ ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ମହାର୍ଥା, ୪୨ମୌଜା ବିକାଶ ପରିଷଦ ସଭାପତି ଆଡଭୋକେଟ୍ କେଶବ ଚନ୍ଦ୍ର କର,ଶାନ୍ତି କମିଟି ସଭାପତି ଶରତ ଚନ୍ଦ୍ର ରାୟ,ପୂର୍ବତନ ସରପଞ୍ଚ ବିଦ୍ୟାଧର ପାତ୍ର,ବିକ୍ରମ କେଶରୀ ଆଚାର୍ଯ୍ୟ,ତ୍ରିଲୋଚନ ଦଳାଇ, ପ୍ରବେଶ ରାଉତ,ଯାଦବ ମହାସଭା ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା,ପ୍ରକୃତି ବନ୍ଧୁ ନବ କିଶୋର ପଣ୍ଡା,ପ୍ରାଧ୍ୟାପକ ଡ଼ଃ ସେକ୍ କଲିମୁଲା,ଦଳିତ ମହାସଂଘ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଶିକ୍ଷାବିତ୍ ଗଣେଶ୍ୱର ଦାଶ, ସମାଜସେବୀ ସନ୍ତୋଷ କୁମାର ପତି,ବସନ୍ତ କୁମାର ପଣ୍ଡା,ଅନିଲ କୁମାର ଦାସ,ପୀୟୂଷ ରଞ୍ଜନ ପରିଡ଼ା,ଦୁର୍ଗା ଚରଣ ପ୍ରଧାନ, ସୁଧାଂଶୁ ମୋହନ ଦାସ,ଭଗବତି ପ୍ରସାଦ ପତି,ବିନୋଦ ବେହେରା, ପ୍ରଭାତ କୁମାର ଖଟୁଆ,ବାବାଜୀ ମହାନ୍ତି,ନାରାୟଣ ଚନ୍ଦ୍ର ମହାନ୍ତି, ପଦ୍ମଲାଭ ଗୋଚ୍ଛାୟତ,ଦୁଷ୍ମନ୍ତ କୁମାର ନନ୍ଦ,ଦୀପକ କୁମାର ଆଚାର୍ଯ୍ୟ,ରୁଦ୍ର ନାରାୟଣ ଦାସ,ଅସୀମ ଦାସ, ସୁକାନ୍ତ କୁମାର ବେଉରା,ନିରଞ୍ଜନ ଆଚାର୍ଯ୍ୟ,ଦୀପ୍ତି ରଞ୍ଜନ ଶତପଥି,ଅଜୟ କୁମାର ଦଳାଇ,ଅଶୋକ କୁମାର ପତି, ସୁଧୀର କୁମାର ଶତପଥୀ,ସୁମିତ୍ରା ଦେବତା,ବିଷ୍ଣୁ ଚରଣ ଦାଶ, ପ୍ରସନ୍ନ ବେହେରା,ଶୁଭନ୍ୟାସ ମହାନ୍ତି, ମାନଗୋବିନ୍ଦ ପଣ୍ଡା,ବାଉରୀ ବନ୍ଧୁ ସ୍ୱାଇଁ,ରବୀନ୍ଦ୍ର କୁମାର ଦେବତା ଓ ଚିତ୍ରସେନ ଦାସ ପ୍ରଭୃତି ସହସ୍ରାଧିକ ଅଞ୍ଚଳବାସୀ ଦୃଢ଼ ଦାବୀ ଜଣାଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray